

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୪ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 JANUARY 2026

Vol.No. 36 ■ No.23 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ମଧ୍ୟପ୍ରାଚ୍ୟରେ ଯୁଦ୍ଧର କଳା ବାଦଲ : ଆମେରିକା ଇରାନ ଅଭିମୁଖେ ପଠାଇଲା ଯୁଦ୍ଧଜାହାଜ

ନୂଆଦିଲ୍ଲୀ,୨୩/୧ : ଆମେରିକା ଇରାନ ଅଭିମୁଖେ ବହୁତ ବଡ଼ ସୈନ୍ୟ ଦଳ ପଠାଇଛି ବୋଲି ଟ୍ରମ୍ପ ଗୁରୁବାର ଦିନ କହିଥିଲେ। ଟ୍ରମ୍ପଙ୍କ ବୟାନ ଉପରେ ଇରାନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ଇରାନର ରିଭୋଲ୍ୟୁସନାରୀ ଗାର୍ଡସ୍‌ର କମାଣ୍ଡର ମଧ ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ସେମାନେ ମଧ ଟ୍ରିଗର୍ ଉପରେ ଆଙ୍ଗୁଠି ରଖି ଅପେକ୍ଷା କରିଛନ୍ତି। ମଧ ପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନକୁ ନେଇ ଇରାନ ଓ ଆମେରିକା ମଧରେ ଯୁଦ୍ଧ ଆଶଙ୍କା ଅଧିକ ବଢ଼ିଯାଇଛି । ଡାଭୋସଠାରେ ବିଶ୍ୱ ଅର୍ଥନୈତିକ ଫୋରମ୍‌ରୁ ଫେରିବା ସମୟରେ



ଟ୍ରମ୍ପ ଏୟାରଫୋର୍ସ ୱାନରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ କଥାବାର୍ତ୍ତା କରି କହିଥିଲେ, ଇରାନ ଅଭିମୁଖେ ଏକ ବହୁତ ବଡ଼ ସୈନ୍ୟଦଳ ଅଗ୍ରସର ହେଉଛି। ଆମେରିକା ସତର୍କତାମୂଳକ ପଦକ୍ଷେପ ଭାବେ ଇରାନ ଅଭିମୁଖେ ଏହି ବିଶାଳ ସୈନ୍ୟଦଳ ପଠାଇଛି। ମୁଁ ଚାହୁଁନି ସେଠାରେ କିଛି ହେଉ, କିନ୍ତୁ ଆମେ ତାଙ୍କ ଉପରେ ଖୁବ୍ ନିକଟରୁ ନଜର ରଖିଛୁ। ଟ୍ରମ୍ପଙ୍କ ଏହି ବୟାନ ପରେ ଇରାନର ଗାର୍ଡସ କମାଣ୍ଡର ଜେନେରାଲ ମହମ୍ମଦ ପାକପୋର ଇସ୍ରାଏଲ ଓ ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଐତିହାସିକ ଅନୁଭବ ଓ ଗତବର୍ଷ ହୋଇଥିବା ୧୨ ଦିନିଆ ଯୁଦ୍ଧରୁ ସେମାନଙ୍କୁ ଶିକ୍ଷା ନେବା ଉଚିତ, ଯଦ୍ୱାରା ସେମାନେ କୌଣସି ଭ୍ରମରେ ରହିବେ ନାହିଁ। ଏଥର ସେମାନଙ୍କୁ ଆହୁରି ଅଧିକ ଭୟଙ୍କର ପରିଣାମର ଶିକାର ହେବାକୁ ପଡ଼ିବ। ଏଥର ସେମାନେ ପୂର୍ବାପେକ୍ଷା ଅଧିକ ପ୍ରସ୍ତୁତ ଥିବା କହିଛନ୍ତି।

ଇରାନ ସଂଯୁକ୍ତ କମାଣ୍ଡ ମୁଖ୍ୟାଳୟର ନେତୃତ୍ୱ ନେଉଥିବା ଜେନେରାଲ ଅଲି ଅବଦୁଲ୍ଲାହି ଅଲିବାଦୀ ଚେତାବନୀ ଦେଇ କହିଛନ୍ତି, ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ,ତେବେ ଆମେରିକାର ସମସ୍ତ ଠିକଣା ଇରାନର ସଶସ୍ତ୍ରବାହିନୀ ପାଇଁ ବୈଧ ଲକ୍ଷ୍ୟ ହେବ। ଆମେରିକା ନିଜର ଶକ୍ତି ପ୍ରଦର୍ଶନ କରି ମଧ୍ୟପ୍ରାଚ୍ୟକୁ ବହୁ ସଂଖ୍ୟାରେ

◆◆ପୃଷ୍ଠା ୭

## ସିଡିଏରେ ଜମି ଜାଲିଆତି !




ଭୁବନେଶ୍ୱର, ୨୩/୦୧ (ନି.ପ୍ର) ସିଡିଏରେ ଜମି ଜାଲିଆତିକୁ ନେଇ ଚର୍ଚ୍ଚା ହେଲା ପରେ ମୁହଁ ଖୋଲିଛନ୍ତି ବିଭାଗୀୟ ମନ୍ତ୍ରୀ । ସେପଟେ କେବଳ ସିଡିଏ ଜମି ନୁହେଁ ସବୁଠି ଦୁର୍ନୀତି କାୟା ମେଲାଇଲାଣି କହି କଟାକ୍ଷ କରିଛନ୍ତି ବିରୋଧୀ । ସିଡିଏ ଜମିକୁ ଶାଗ ମାଛ ଦରରେ ଏକ ସଂସ୍ଥାକୁ ଟେକି ଦେବା ପ୍ରସଙ୍ଗରେ ଅକଳରେ ପଡିଛି ନଗର ଉନ୍ନନୟ ବିଭାଗ । ଜାଲିଆତକୁ ନେଇ ବାରମ୍ବାର ଖବର ପ୍ରସାରଣ ପରେ ମୁହଁ ଖୋଲିଛନ୍ତି ବିଭାଗୀୟ ମନ୍ତ୍ରୀ । ସେପଟେ କେବଳ ସିଡିଏ ଜମି ନୁହେଁ ସବୁଠି ଦୁର୍ନୀତି କାୟା ମେଲାଇଲାଣି କହି କଟାକ୍ଷ କରିଛନ୍ତି ବିରୋଧୀ । ସିଡିଏର ବହୁମୂଲ୍ୟ ଜମିକୁ ଶାଗମାଛ ଦରରେ ଆବଣ୍ଟନ କରାଯିବାକୁ ନେଇ ବଢୁଛି ସନ୍ଦେହ। କେଉଁ ପରିସ୍ଥିତିରେ ନିର୍ଦ୍ଦିଷ୍ଟ ସଂସ୍ଥାକୁ ସୁହାଇଲା ଭଳି ଟେଣ୍ଡର ନିୟମକୁ ଅଣଦେଖା କରାଯାଇଥିଲା। ଶହେ କୋଟି ମୂଲ୍ୟର ଜମିକୁ ମାତ୍ର ୩କୋଟି ଟଙ୍କାରେ ଟେକି ଦେବାକୁ ମସୁଧା ହେଲା । ଏହାକୁ ନେଇ ତଦନ୍ତ ଦାବି ତେଜିବା ପରେ ମୁହଁ ଖୋଲିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ । କିନ୍ତୁ ମନ୍ତ୍ରୀଙ୍କ ଦୁଇ ପ୍ରକାର କଥାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଗୋଟିଏ ପଟେ କହିଛନ୍ତି, ତଦନ୍ତ ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିଲା ପରେ ଯାହା ହେବ ।

◆◆ପୃଷ୍ଠା ୭

## ଆଗାମୀ ୨୦୨୭ ଜନଗଣନା ବାବଦରେ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ,୨୩/୧ : ଆଗାମୀ ୨୦୨୭ ଜନଗଣନା ବେଳେ କ'ଣ ପଚରାଯିବ ସେ ବାବଦରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ଜାରି କରିଛି ବିଜ୍ଞପ୍ତି । ଏହା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ଜନଗଣନା ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଚଳିତ ବର୍ଷ ଏପ୍ରିଲରୁ ସେପଟେମ୍ବର ପ୍ରଥମ ପର୍ଯ୍ୟାୟ ଗଣନା ହେବ। ଏଥିରେ ବାସଗୃହ ତାଲିକାଭୁକ୍ତ ହେବ ଏବଂ ପ୍ରତି ଘର ବିଷୟରେ ତଥ୍ୟ ସଂଗ୍ରହ କରାଯିବ। ପରେ ଫେବ୍ରୁଆରି ୨୦୨୭ରୁ ଦ୍ୱିତୀୟ ପର୍ଯ୍ୟାୟ ଗଣନା କରାଯିବ।

୨୦୨୭ ଜନଗଣନା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଗୁରୁବାର ଜାରି ହୋଇଥିବା ଏହି ବିଜ୍ଞପ୍ତିରେ, ଜନଗଣନା ସମୟରେ ପଚରାଯିବାକୁ ଥିବା ପ୍ରଶ୍ନ ବିଷୟରେ ଉଲ୍ଲେଖ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରାଳୟ ଦ୍ୱାରା ଏହି ବିଜ୍ଞପ୍ତି ଜାରି କରାଯାଇଛି। ଘର, ପରିବାର ସଦସ୍ୟ, ଗାଡ଼ି, ଆସବାବ ପତ୍ର ଭଳି ମୋଟ୍ ୩୩ଟି ପ୍ରଶ୍ନ ପଚରାଯିବା ନେଇ ବିଜ୍ଞପ୍ତିରେ କୁହାଯାଇଛି। ଜନଗଣନା ସମୟରେ ପରିବାର ମୁଖ୍ୟଙ୍କୁ ଏହି ୩୩ଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। ଏହା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ଜନଗଣନା ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଚଳିତ ବର୍ଷ ଏପ୍ରିଲରୁ ସେପଟେମ୍ବର ପ୍ରଥମ ପର୍ଯ୍ୟାୟ ଗଣନା ହେବ। ଏଥିରେ ବାସଗୃହ ତାଲିକାଭୁକ୍ତ ହେବ ଏବଂ ପ୍ରତି ଘର ବିଷୟରେ ତଥ୍ୟ ସଂଗ୍ରହ କରାଯିବ। ପରେ ଫେବ୍ରୁଆରି ୨୦୨୭ରୁ ଦ୍ୱିତୀୟ ପର୍ଯ୍ୟାୟ ଗଣନା କରାଯିବ।

## ପୁଣି ଚଢ଼ିଗଲା 'ଆମ ବସ୍' : ରାଜଧାନୀରେ ରାଜରାସ୍ତାରେ ବାଇକ୍‌କୁ ଦେଲା ଧକ୍କା

ଭୁବନେଶ୍ୱର, ୨୨/୧ (ନି.ପ୍ର): ମାଷ୍ଟର କ୍ୟାଣ୍ଟିନରୁ ରାଜମହଲ ଅଭିମୁଖେ ଯାଉଥିଲା ୮୨ ନମ୍ବର ରୁଟ୍‌ର ଆମ ବସ୍ । ବ୍ୟସ୍ତ ବହୁଳ ଜନପଥ ରାସ୍ତାରେ ହଠାତ୍ ଏକ ବାଇକ୍‌କୁ ଧକ୍କା ଦେଇଥିଲା । ବସ୍ ତଳେ ଚାପି ହୋଇଗଲା ବାଇକ୍ । ଚାଳକ ତ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି, ଦୁର୍ଘଟଣାରେ ବାଇକ୍ କିନ୍ତୁ କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ ଘଟଣାସ୍ଥଳରେ ତୁମ୍ବୁଳକାଣ୍ଡ ଘଟାଇଛନ୍ତି ଉତ୍ତ୍ୟକ୍ତ ଲୋକେ । ରାସ୍ତାରେ ଯାଉଥିବା ଅନ୍ୟ ଆମ ବସ୍ ଉପରକୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରିଥିଲେ । ସ୍ଥିତି ଏପରି ହୋଇଥିଲା ପୁଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା । ମାଷ୍ଟର



କ୍ୟାଣ୍ଟିନରୁ ରାଜମହଲ ଅଭିମୁଖେ ଯାଉଥିଲା ୮୨ ନମ୍ବର ରୁଟ୍‌ର ଆମ ବସ୍ । ବ୍ୟସ୍ତ ବହୁଳ ଜନପଥ ରାସ୍ତାରେ ହଠାତ୍ ଏକ ବାଇକ୍‌କୁ ଦେଇଥିଲା ଧକ୍କା । ବସ୍ ତଳେ ଚାପି ହୋଇଗଲା ବାଇକ୍ । ଚାଳକ ତ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି, ଦୁର୍ଘଟଣାରେ ବାଇକ୍ କିନ୍ତୁ କ୍ଷତିଗ୍ରସ୍ତ ହୋଇଛି । ପରେ ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସ୍ ଜବତ କରିବା ସହ ଆହତ ବାଇକ୍ ଚାଳକଙ୍କୁ ମେଡିକାଲରେ ଭର୍ତ୍ତି କରିଛି । ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୁଲିସ ଜବତ କରିବା ପରେ ଘଟଣାସ୍ଥଳରେ ପ୍ରକାଶ ପାଇଥିଲା ଉତ୍ତେଜନା । ଏ ରୁଟରେ ଯାଉଥିବା ସିଛି ଆମ ବସ୍‌କୁ ଆକ୍ରମଣ କରିଥିଲେ ସ୍ଥାନୀୟ ବାସିନ୍ଦା । ଟେକା ପଥର ମାଡ଼ରେ କିଛି ଯାତ୍ରୀ ମଧ୍ୟ ଆହତ ହୋଇଥିଲେ । ଏ ସମୟରେ ଉପୁଜିଥିଲା ଅସମ୍ଭାଳ ଟ୍ରାଫିକ୍ ଜାମ୍ ସ୍ଥିତି । ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଯାତାୟାତ ସଂପୂର୍ଣ୍ଣ ବ୍ୟାହତ ହୋଇଯାଇଥିଲା।

## ବୀର ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ

ଭୁବନେଶ୍ୱର, ୨୩/୦୧ (ନି.ପ୍ର) - ଭାରତବର୍ଷର ୨ ଜଣ ଶ୍ରେଷ୍ଠ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଗୋଟିଏ ଦିନରେ ଓଡ଼ିଶା ମାଟିରେ ଜନ୍ମନେବା ଗୋଟିଏ ମହାନ୍ ସଂଯୋଗ। ୧୮୫୭ ମସିହା ଆନ୍ଦୋଳନକୁ ଆମେ ଦେଶର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ବୋଲି କହିଥାଉ। ମାତ୍ର ଏହାର ଦୀର୍ଘ ୨୮ ବର୍ଷ ପୂର୍ବରୁ ଓଡ଼ିଶାରେ ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଦେଇଥିଲେ। ଦେଶମାତୃକା ପାଇଁ ଲଢେଇ କରି ଜୀବନର ଦୀର୍ଘ ୩୭ ବର୍ଷ କାଳ ଜେଲ୍‌ଦଣ୍ଡ ସୁରେନ୍ଦ୍ର ସାଏଙ୍କୁ ଭୋଗିବାକୁ ପଡ଼ିଥିଲା ଏବଂ କାରାଗାରରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା। ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମଙ୍କ ନାମ ବିଶ୍ୱ ଇତିହାସର ଶିଖରରେ ରହିବା ଉଚିତ୍ । ସେହିପରି କଟକରେ ଜନ୍ମିତ ବରପୁତ୍ର ସୁଭାଷ ଚନ୍ଦ୍ର ବୋଷ ଦେଶ ପାଇଁ ଅନେକ ବଳିଦାନ ଦେଇଛନ୍ତି। ଏହି ଦୁଇ ମହାପୁରଷ ଦେଶମାତୃକାର ସେବାପାଇଁ ଯେଉଁ ବୀରତ୍ୱ ଓ ବଳିଦାନର ପରାକାଷ୍ଠା ଦେଖାଇଥିଲେ। ନିଜର ସାହାସ, କଠୋର ସଂକଳ୍ପ ଓ ଦୃଢ଼ ନେତୃତ୍ୱ ବଳରେ ଉଭୟେ ଦେଶକୁ ସ୍ୱାଧୀନତା ପଥରେ ଆଗେଇ ନେଇଥିଲେ। ରାଷ୍ଟ୍ରପତି ସେମାନଙ୍କ ବଳିଦାନ ସର୍ବଦା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ଓଡ଼ିଶାର ଗର୍ବ ଗୌରବ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ତଥା ପରାକ୍ରମ ଦିବସରେ ଶ୍ରୀ ସାମଲ କହିଛନ୍ତି ଯେ, ପରାଧୀନ ଭାରତରେ ସ୍ୱାଧୀନତା ସଂଗ୍ରାମର ଆଲୋକବର୍ତ୍ତିତା ସାଜିଥିଲେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଦେଶ ପାଇଁ ତାଙ୍କ ତ୍ୟାଗ, ତପସ୍ୟା, ସାଧନା ଓ ପ୍ରତିବଦ୍ଧତାର କୌଣସି କଳନା କରାଯାଇପାରିବ ନାହିଁ। ଉଭୟ ସ୍ୱାଧୀନତା ସଂଗ୍ରାମୀ ସବୁଦିନ ପାଇଁ ଆମ ସମସ୍ତଙ୍କ ମାର୍ଗଦର୍ଶକ ହୋଇରହିବେ କହିଛନ୍ତି ।

## ଆସନ୍ତା ୩ ତାରିଖରେ ମହାମହିମ ରାଷ୍ଟ୍ରପତିଙ୍କ ଭ୍ରମଣ ପୂର୍ବ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୩/୦୧ : (ନି.ପ୍ର) ଆସନ୍ତା ୩ ଫେବୃଆରୀ ତାରିଖରେ ମହାମହିମ ରାଷ୍ଟ୍ରପତି ମହୋଦୟାଙ୍କ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଭ୍ରମଣ ପୂର୍ବରୁ ଆଜି ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ, ବାଲେଶ୍ୱରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତିମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଶାସନିକ ଅଧିକାରୀମାନେ, ପୁଲିସ୍ ଅଧିକାରୀମାନେ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଉପକୁଳପତି, ରେଜିଷ୍ଟ୍ରାର ଏବଂ ସମସ୍ତ ସମ୍ପୃକ୍ତ ଲାଇନ୍




ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ମହାମହିମ ରାଷ୍ଟ୍ରପତିଙ୍କ ଭ୍ରମଣ ସମୟରେ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ, ଯାତାୟାତ ବ୍ୟବସ୍ଥା, ଆୟୋଜନ ସ୍ଥଳର ପ୍ରସ୍ତୁତି ଏବଂ ବିଭାଗୀୟ ସମନ୍ୱୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସମ୍ପୃକ୍ତ ସମସ୍ତ ବିଭାଗକୁ ପରସ୍ପର ସମନ୍ୱୟରେ କାର୍ଯ୍ୟ କରି ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମୟ ମଧ୍ୟରେ ସମ୍ପନ୍ନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଶ୍ରୀନଗର ବିମାନବନ୍ଦରରୁ ଅତି କମରେ ୧୭ଟି ଉଡ଼ାଣ ବାତିଲ୍

ଶ୍ରୀନଗର,୨୩/୦୧ : ଲଗାତାର ତୁଷାରପାତ ଏବଂ ଖରାପ ପାଗ ଯୋଗୁଁ ଶ୍ରୀନଗର ବିମାନବନ୍ଦରକୁ ଏବଂ ଶ୍ରୀନଗରରୁ ଅତି କମରେ ୧୭ ଟି ଉଡ଼ାଣ ବାତିଲ୍ କରାଯାଇଛି। ବିମାନବନ୍ଦର ଅଧିକାରୀମାନେ କହିଛନ୍ତି ଯେ ତୁଷାରପାତ ଯୋଗୁଁ ସୃଷ୍ଟି ହୋଇଥିବା ବାଧା ଯୋଗୁଁ ଆହୁରି ଉଡ଼ାଣ ବାତିଲ୍ ହେବାର ସମ୍ଭାବନା ଅଛି। ପ୍ରଭାବିତ ଉଡ଼ାଣ ମଧ୍ୟରେ ଶ୍ରୀନଗରକୁ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଜମ୍ମୁକୁ ସଂଯୋଗ କରୁଥିବା ଉଡ଼ାଣ ଅନ୍ତର୍ଭୁକ୍ତ। ଉଡ଼ାଣ ସମୟସୂଚୀ ସମ୍ପର୍କରେ ସଦ୍ୟତମ ସୂଚନା ପାଇଁ ଯାତ୍ରୀମାନଙ୍କୁ ସେମାନଙ୍କ ସମ୍ପୃକ୍ତ ବିମାନ କମ୍ପାନୀ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଅଧିକାରୀମାନେ ଆହୁରି କହିଛନ୍ତି ଯେ ପାଗ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି ଏବଂ ଆହୁରି ଉଡ଼ାଣ ବାଧା ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।

## ମଧ୍ୟପ୍ରଦେଶର ଧାରରେ ଭୋଜଶାଳାରେ ଏକକାଳୀନ ପୂଜା ଏବଂ ନମାଜ : ୧୦ ବର୍ଷ ପରେ ଏକ ବିଶେଷ ସଂଯୋଗ, ସୁରକ୍ଷା ବ୍ୟବସ୍ଥା କଡ଼ାକଡି

ନୂଆଦିଲ୍ଲୀ,୨୩/୧ : ମଧ୍ୟପ୍ରଦେଶର ଧାରର ଏକ ବିବାଦୀୟ ଧାର୍ମିକ ସ୍ଥଳ ଭୋଜଶାଳାରେ ଶୁକ୍ରବାର ବସନ୍ତ ପଂଚମୀ ଅବସରରେ ପୂଜା ଏବଂ ନମାଜ ପାଇଁ ପୃଥକ୍ ବ୍ୟବସ୍ଥା କରାଯାଇଛି। ହିନ୍ଦୁ ଭକ୍ତମାନେ ସୂର୍ଯ୍ୟୋଦୟ ସମୟରେ ଦେବୀ ସରସ୍ୱତୀ (ବାଗ୍‌ଦେବୀ)ଙ୍କ ପୂଜା ଆରମ୍ଭ କରିଥିଲେ, ଯାହା ହୋମ ଏବଂ ପୂଜାପାଠ ସହିତ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ, ଶୁକ୍ରବାର ନମାଜ କମ୍ପ୍ଲେକ୍ସ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନମାଜ ପାଠ କରାଯିବ, ଅପରାହ୍ନ ୩ଟା ସୁଦ୍ଧା ଶେଷ ହେବ। ଏଥିପାଇଁ ପ୍ରଶାସନ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଛି। ଗୁରୁବାର, ସୁପ୍ରିମକୋର୍ଟ ହିନ୍ଦୁ ଫ୍ରଂଟ ଫର ଜଷ୍ଟିସ୍ ଦ୍ୱାରା ଦାଖଲ ଏକ ଆବେଦନର ଶୁଣାଣି କରି ହିନ୍ଦୁ ପକ୍ଷକୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଦେବୀ ସରସ୍ୱତୀ (ବାଗ୍‌ଦେବୀ)ଙ୍କ ପୂଜା କରିବାକୁ ଅନୁମତି ଦେଇଛନ୍ତି। ମୁସଲିମ ସମ୍ପ୍ରଦାୟକୁ ଅପରାହ୍ନ ୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶୁକ୍ରବାର ନମାଜ ପାଠ କରିବାକୁ ଅନୁମତି ଦିଆଯାଇଛି। ସାଧାରଣତଃ ବସନ୍ତ ପଂଚମୀ ଏବଂ ଶୁକ୍ରବାର ପ୍ରାର୍ଥନା ପାଇଁ ଅନୁମତି ଦିଆଯାଏ, କିନ୍ତୁ

◆◆ପୃଷ୍ଠା ୭





ସୈରିନ୍ଧ୍ରୀ ସାହୁଙ୍କ ଲିଖିତ ସପ୍ତମ ଗଳ୍ପ ପୁସ୍ତକ

ମହାଭାବ ଓ ସାଗରିକା ର

ପାଠକାର୍ପଣ




ମହାଶୟ/ ମହାଶୟା,

'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା **ସୈରିନ୍ଧ୍ରୀ ସାହୁ**ଙ୍କ ସପ୍ତମ ଗଳ୍ପ ସଂକଳନ **'ମହାଭାବ'** ଏବଂ **'ସାଗରିକା'** ନୂଆବର୍ଷ-(ଜାନୁଆରୀ-୨୦୨୬)ସଂଖ୍ୟାର ଶୁଭଉନ୍ମୋଚନ ଆସନ୍ତା **ତା ୨୫/୦୧/୨୦୨୬ରିଖ ରବିବାର ପୂର୍ବାହ୍ନ ୧୦ ଘଟିକା** ସମୟରେ ବାଲେଶ୍ୱର ବି.ସି ସେନ୍ ରୋଡ ସ୍ଥିତ **ହୋଟେଲ ଫାଣ୍ଟାସି**ର ସଭାଗୃହ (ମିଶନ ପଡ଼ିଆ ସାମନା)ରେ ଅନୁଷ୍ଠିତ ହେବ ।

ଉକ୍ତ ଉତ୍ସବରେ ପୌରୋହିତ୍ୟ କରିବେ

- ଆମର ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ **ଶ୍ରୀଯୁକ୍ତ ରଘୁନାଥ ମହାନ୍ତି**

ଆମର ଅତିଥି

- **ଡ. ଶ୍ରୀଧର ସାମଲ,** ସଂପାଦକ 'ମୌସୁମୀ'
- **ଶ୍ରୀଯୁକ୍ତ କୁଳମଣି ବାରିକ,** ବରିଷ୍ଠ ସାମ୍ବାଦିକ
- **ଡ. ନାରାୟଣ ପଣ୍ଡା,** ବିଶିଷ୍ଟ ଲେଖକ
- **ଶ୍ରୀଯୁକ୍ତ ବନମାଳୀ ସେନାପତି,** ସମ୍ପାଦକ 'ପରାଗ'
- **ଡ. କାଳୀପଦ ପଣ୍ଡା,** ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
- ଉତ୍ସବକୁ ସଂଯୋଜନା କରିବେ କବି **ମିତା ପଟ୍ଟନାୟକ**

ଏହି ସାରସ୍ୱତ ଉତ୍ସବରେ ଯୋଗଦେବା ନିମନ୍ତେ ଆପଣଙ୍କୁ ମୋର ସଶ୍ରଦ୍ଧ ନିମନ୍ତ୍ରଣ ।

ଆପଣଙ୍କ ଅପେକ୍ଷାରେ

ସୃଷ୍ଟିଧର ପରିଡା

ପରିଚାଳନା ସଂପାଦକ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକା

# କନ୍ଧମାଳ -କଳାହାଣ୍ଡି ସୀମାନ୍ତବର୍ତ୍ତୀ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ, ବଡ଼ ଧରଣର କମ୍ବିଂ ଅପରେସନରେ ବିପୁଳ ମାଓ ସାମଗ୍ରୀ ଜବତ

କନ୍ଧମାଳ,୨୩/୦୧(ନି.ପ୍ର) : କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶକୁ ନକ୍ସଲ ଏବଂ ମାଓବାଦୀ ମୁକ୍ତ କରିବା ପାଇଁ ସ୍ଥିର କରାଯାଇଥିବା ତାରିଖ ଯେତେ ପାଖେଇ ଆସୁଛି, ପୋଲିସ ଏବଂ ସୁରକ୍ଷା ବାହିନୀଙ୍କ କୁମ୍ବିଂ ଅପେରସନ ମଧ ସେତିକି ତୀବ୍ର ହେବାରେ ଲାଗିଛି। ସେହିଭଳି କନ୍ଧମାଳ ଜିଲ୍ଲାରେ ମଧ ଜିଲ୍ଲା ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷାବାହିନୀ ମିଳିତ ଭାବେ ଜିଲ୍ଲାର ବିଭିନ୍ନ ନକ୍ସଲ ଏବଂ ମାଓବାଦୀ ପ୍ରବଣ ଅଂଚଳରେ କୁମ୍ବିଂ ଅପେରସନକୁ ତୀବ୍ର କରିଥିବା ଦେଖାଯାଉଛି। ଆଜି ସକାଳୁ ଜିଲ୍ଲା ପୋଲିସ, ଏସ ଓ ଜି, ଡି ଭି ଏଫ୍ ଏବଂ ସି ଆର୍‌ପିଏଫ୍ ମିଳିତ ଭାବେ କନ୍ଧମାଳ-କଳାହାଣ୍ଡି ସୀମାନ୍ତବର୍ତୀ ଗାଙ୍ଗେଲ ଜଙ୍ଗଲରେ ବଡ଼ ଧରଣର କୁମ୍ବିଂ ଅପେରସନ ଆରମ୍ଭ କରିଛନ୍ତି ଏବଂ ମିଳିତ ଟିମକୁ ବଡ଼ ସଫଳତା ମିଳିଥିବା ସୂଚନା ମିଳିଛି। ଏହି ଅବସରରେ ଜଙ୍ଗଲରେ ମିଳିତ ଟିମ୍ ଏକ ମାଓ କ୍ୟାମ୍ପକୁ ଠାବ କରିଛି ଏବଂ କ୍ୟାମ୍ପରୁ ବହୁ ବନ୍ଧୁକ ସହିତ ବିପୁଳ ପରିମାଣର ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ମାଓ ସାମଗ୍ରୀ ମଧ୍ୟରେ ୫ଟି ଇନସାସ୍, ୩ଟି ୩୦୩ ରାଇଫଲ୍ ଏବଂ ୫ଟି ଦେଶୀ ବନ୍ଧୁକ ସମେତ ୧୩ଟି ବନ୍ଧୁକ, ବହୁତ ୱାକିଟକି, ସୋଲାର ପାନେଲ, ବିଦ୍ୟୁତ ତାର, ମେଡ଼ିସିନ ଭଳି ଅନେକ ମାଓବାଦୀ ବ୍ୟବହାର କରୁଥିବା ସାମଗ୍ରୀ ଜବତ ହୋଇଛି । ବହୁ ହାର୍ଡକୋର ମାଓବାଦୀ ଏହି ଜଙ୍ଗଲରେ ଲୁଚି ରହିଥିବା ସନ୍ଦେହରେ ମିଳିତ ଟିମ ଏବେ ମଧ କୁମ୍ବିଂ ଅପେରସନ ଜାରି ରଖିଛନ୍ତି । କନ୍ଧମାଳ ଏସପି ହରିଶ୍ ବିଶିଙ୍କ ନିଷ୍ଠାପର ଉଦ୍ୟମ ଆନ୍ତରିକତା ଓ କାର୍ଯ୍ୟଦକ୍ଷତା ଯୋଗୁଁ ଜିଲା ଏବେ ମାଓବାଦୀ ଶୂନ୍ୟ ହେବାକୁ ଯାଉଥିବା ଖବର ମିଳିଛି । ଏସପି ହରିଶ୍ ବିଶିଙ୍କ ସମୟରେ ଅନେକ ମାଓ ନେତାଙ୍କ ସହ କ୍ୟାଡ଼ର ମାଓବାଦୀ ନିହତ ହେବା ସହ ଅନେକ ଗିରଫ ହୋଇଛନ୍ତି କ୍ଷ ଆଉ କିଛି ଭୟରେ ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି। ସେହିପରି ନିୟମିତ କମ୍ବିଙ୍ଗ ଅପରେସନ ଯୋଗୁଁ ବହୁ ମାଓ କ୍ୟାମ୍ପ ଧ୍ୱସ୍ତ ବିଧ୍ୱଂସ୍ତ ସହ ଅନେକ ଗୁଡ଼ିଏ ମାଓ ସାମଗ୍ରୀ ଜବତ କରିଛି ପୋଲିସ।

# ଭଲ ମଣିଷ ହେବା ପାଇଁ ସାଧନା ଜରୁରୀ : ବିଇଓ



ବୈଶିଙ୍ଗା,୨୩/୦୧(ନି.ପ୍ର) : ଭଲ ମଣିଷ ହେବା ପାଇଁ ସାଧନା ଜରୁରୀ ବୋଲି କଳମା ପଞ୍ଚାୟତର ଗୋବିନ୍ଦରାୟ ପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଥିଲା। ପ୍ରଧାନ ଶିକ୍ଷକ ଭବେଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ରେ ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର, ମୁଖ୍ୟବକ୍ତା ଶିକ୍ଷକ ଯାମିନୀକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଦୀପ ମହାନ୍ତି, ପରିଚାଳନା କମିଟିର ସଭାପତି ସେକ ଆଜିମୁଦ୍ଦିନ, ଅଚ୍ୟୁତ ଦାସ ପ୍ରମୁଖ ଯୋଗଦାନକରି ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଚାରି ଶହରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ପାଠ ପଢୁଥିବାରୁ ଅତିଥି ବୃନ୍ଦ ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷା ପ୍ରତି ସେମାନଙ୍କର ଆଗ୍ରହ ଥିବାରୁ ସେମାନଙ୍କ ଆଗ୍ରହ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ୪ର୍ଥ ଶ୍ରେଣୀର ଛାତ୍ରୀ ଆୟେଷା ଖାତୁନଙ୍କୁ ପୁରସ୍କୃତ କରାଯାଇଥିଲା । ଏତଦ ବ୍ୟତିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶୁଭଶ୍ରୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ତପସ୍ୱିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ରଂଜିତା ବିଶ୍ୱାଳ, ମିନାକ୍ଷୀ ଦେ, ଶାନ୍ତିଲତା ଚଣ୍ଡ ଓ ସୁଜାତା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଖୋର୍ଦ୍ଧା ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ମେଳାର ଷଷ୍ଠ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଆନନ୍ଦିତ ହେଲେ



ଖୋର୍ଦ୍ଧା,୨୩/୦୧(ନି.ପ୍ର) : ଗତ ୧୭ ତାରିଖରୁ ଜିଲ୍ଲା ସଦର ମହକୁମାଟି ଏଲ ସି ରୋଡ଼ ବିଡିଏ ପଡ଼ିଆରେ ଆରମ୍ଭ ହୋଇଥିବା ପଲ୍ଲୀଶ୍ରୀ ମେଳା ଓ ସୁଭଦ୍ରା ମେଳାର ଆଜି ଷଷ୍ଠ ସନ୍ଧ୍ୟାରେ ନୃତ୍ୟ ପ୍ରଣାମ, ଭୁବନେଶ୍ୱର, ଖୋର୍ଦ୍ଧା ପାଇକ ଆଖଡ଼ା, ଖୋର୍ଦ୍ଧା, ନୃତ୍ୟାୟନ, ଖୋର୍ଦ୍ଧା, ମୁଭସ ଲାଇକ କଲ୍ଲରାଲ ଏକାଡେମୀ ଏବଂ ପ୍ରତିଭା, କଳାହାଣ୍ଡି ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନଦ୍ୱାରା ନୃତ୍ୟ ସଙ୍ଗୀତ ଏବଂ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲା। ଓଡ଼ିଶାର ବିଶ୍ୱ ବିଦିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିର ରାଜ୍ୟ ଏବଂ ଓଡ଼ିଆ ଅସ୍ମିତାର କିମ୍ବଦନ୍ତୀ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପାରମ୍ପାରିକ ସମ୍ବଲ ପୁରୀ ନୃତ୍ୟ ଓ ସଙ୍ଗୀତ ଦର୍ଶକ ମାନଙ୍କୁ ବେଶ ମନୋରଞ୍ଜନ କରିଥିଲା । ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ସମ୍ମାନିତ ଅତିଥି ଭାବେ ମୁଖ୍ୟ କାର୍ଯ୍ୟ ନିର୍ବାହୀ, ଓର୍ମାଷ ନୀଳକଣ୍ଠ ରଥ,ଉପ ନିର୍ଦ୍ଦେଶକ ଯୋଜନା ଅଶୋକ କୁମାର ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ଯୋଗଦେଇ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସମ୍ମାନିତ କରି ପଲ୍ଲୀଶ୍ରୀ ମେଳାର ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ନିର୍ମାଣ ରେ ସମସ୍ତ ଗ୍ରାମୀଣ ଉତ୍ପାଦ, କାରିଗରୀ କୌଶଳ, ଐତିହ୍ୟ ଓ ପରମ୍ପରା, ସଂସ୍କୃତି, ଓଡ଼ିଆର ଅସ୍ମିତା ବାଜାୟରଖି ମହିଳା ଓ ଯୁବଶକ୍ତିକୁ ଶସକ୍ତ କରିବ ବୋଲି ଉଦବୋଧନ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସମସ୍ତ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲାର ପାଇକ ମାନଙ୍କର ବୀରତ୍ୱର ଗାଥା ପାଇକ ଯୋଦ୍ଧା ଯୁଦ୍ଧ ତଥା ପାଇକ ଆଖଡ଼ା ନୃତ୍ୟ ବହୁ ସଂଖ୍ୟାରେ ଦର୍ଶକ ମାନେ ଉପଭୋଗ କରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଜିଲ୍ଲାର ବହୁ ଦୂରଦୂରାନ୍ତରୁ ମା ମାନେ ଏବଂ ଜନସାଧାରଣ ମେଳା କୁ ଆଗମନ ହେବାସହ ବହୁ ଜନ ସମାବେଶ ଦେଖିବାକୁ ମିଳିଥିଲା । ୨୩ ତାରିଖ ପର୍ଯ୍ୟନ୍ତ ଏହି ପଲ୍ଲୀଶ୍ରୀ ମେଳା ଓ ସୁଭଦ୍ରା ମେଳା ଅନୁଷ୍ଠିତ ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ହୋଇଥିବା ବେଳେ ଜନ ସାଧାରଣ ମାନେ ଗ୍ରାମୀଣ ଉତ୍ପାଦ କ୍ରୟ କରିବାରେ ସୁଯୋଗ ପାଇ ପାରିବେ । ପଞ୍ଚମ ସନ୍ଧ୍ୟାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବୁଦ୍ଧିଜୀବୀ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ନେତାଜୀଙ୍କ ୧୨୯ ତମ ଜୟନ୍ତୀ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ




ବୈଶିଙ୍ଗା,୨୩/୦୧(ନି.ପ୍ର) : ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଂଚାୟତ ଅଧିନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ରେ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ପୌରାହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟର ଉପଦେଷ୍ଟା ତଥା ବର୍ଷୀୟାନ ସମାଜ ସେବୀ ଶ୍ରୀଯୁକ୍ତ ବଳରାମ ସାହୁ ମୁଖ୍ୟ ଅତିଥି ଭାବେ ଓ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇ ଦୁଇ ଜନ ନାୟକଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଉଦଘାଟନ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜ କିଶୋର ଦାସ, ନିରଞ୍ଜନ ବାରିକ, ପ୍ରଫୁଲ୍ଲ ମିଶ୍ର, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ ଓ ଶୁଭାଶିଷ ପଣ୍ଡା ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମର ବାଜିଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସମାଜ ସେବାରେ ନିଜକୁ ସାମିଲ ହୋଇ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ । ନେତାଜୀଙ୍କ ସତ୍ୟ, ଶିବ ଓ ସୁନ୍ଦରର ଉଚ୍ଚ ଆଦର୍ଶ ଓ ବୀର ସୁରେନ୍ଦ୍ର ସାଏଙ୍କ ବୈପ୍ଳବିକ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇ ଥିଲେ । ଦଶମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ର ଶୁଭଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଗାମୀ ୫ ଦିନ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର,୨୩/୦୧(ନି.ପ୍ର) : ଆଗାମୀ ୫ ଦିନ ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ିର ସମ୍ଭାବନା ରହିଛି। ଆଗାମୀ ୨୪ ଘଂଟା ମଧ୍ୟରେ (ଖୋର୍ଦ୍ଧା, ସୁନ୍ଦରଗଡ଼, କଳାହାଣ୍ଡି, ଭଦ୍ରକ, କେନ୍ଦ୍ରାପଡ଼ା, କନ୍ଧମାଳ, ରାୟଗଡ଼ା, ପୁରୀ, ନୟାଗଡ଼, ବାଲେଶ୍ୱର, ଜଗତସିଂହପୁର) ଜିଲ୍ଲାର କିଛି ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖା ଦେଇପାରେ। ୨୩ ତାରିଖ ସକାଳ ଠାରୁ ୨୪ ତାରିଖ ସକାଳ ସୁଦ୍ଧା (ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼, କଳାହାଣ୍ଡି, ବାଲେଶ୍ୱର, ଜଗତସିଂହପୁର, ରାୟଗଡ଼ା) ଜିଲ୍ଲାର କିଛି ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖା ଦେଇପାରେ। ୨୪ ତାରିଖ ସକାଳ ଠାରୁ ୨୫ ତାରିଖ ସକାଳ ସୁଦ୍ଧା ସୁନ୍ଦରଗଡ଼, ବାଲେଶ୍ୱର, କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖା ଦେଇପାରେ । ୨୫ ତାରିଖ ସକାଳ ଠାରୁ ୨୬ ତାରିଖ ସକାଳ ସୁଦ୍ଧା (ଖୋର୍ଦ୍ଧା, କଟକ, ଜଗସିଂହପୁର, ପୁରୀ, ସୁନ୍ଦରଗଡ଼,) ଜିଲ୍ଲାର କେତେକ ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେଇପାରେ । ୨୬ ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ସୁଦ୍ଧା (ଜଗସିଂହପୁର, ପୁରୀ, ସୁନ୍ଦରଗଡ଼,) ଜିଲ୍ଲାର କେତେକ ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖା ଦେଇପାରେ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗୁରୁବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ମାଲକାନଗିରିରେ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ -୨୦୨୬ ଉଦଘାଟିତ

ମାଲକାନଗିରି,୨୩/୦୧(ନି.ପ୍ର) : ମାଲକାନଗିରି ବାଳିକା ବିଦ୍ୟାଳୟ ଠାରେ ଦୁଇ ଦିନ ଧରି ମାଲକାନଗିରି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ ଶ୍ରୀ ଉତ୍ସବ ଆଜି ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ସଭାପତିତ୍ୱରେ ଜିଲ୍ଲା ଶିକ୍ଷାଧିକାରୀ ଚିତରଞ୍ଜନ ପାଣିଗ୍ରାହୀଙ୍କ ଆବାହକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚ଼ାରୀ, ବାଲିମେଳା ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସାଂସଦ ପ୍ରତିନିଧି ସଂଜୟ କୁମାର ସରକାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥୀ ବେହେରା ପ୍ରମୁଖ ମଂଚାସୀନ ରହିଥିଲେ । ମନ୍ତ୍ରୀଙ୍କ କରକମଳରେ ପୁନର୍ବାସ ଯୋଜନା ଅଧିନରେ ପାଂଚ ଜଣ କର୍ମଚାରୀ ଙ୍କୁ ପ୍ରଦତ ନିଯୁକ୍ତି ପତ୍ର ପ୍ରଦାନ ସହ ଜର୍ଣ୍ଣାଲ ଉନ୍ମୋଚ଼ନ ସହିତ ସମଗ୍ର ଶିକ୍ଷା ମାଲକାନଗିରି କ୍ୟାଲେଣ୍ଡର -୨୦୨୬ର ଶୁଭ ଉନ୍ମୋଚନ ହୋଇଥିଲା । ଇଚ୍ଛା ଶକ୍ତି ଥିଲେ ଅସମ୍ଭବ ବି ସମ୍ଭବ ହୋଇ ପାରିବ ଏବଂ ଜୀବନରେ ସଫଳତା ପାଇଁ କଠିନ ପରିଶ୍ରମ ଏକାନ୍ତ ଆବଶ୍ୟକ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଥିଲେ । ପିଲାମାନଙ୍କ ଦ୍ୱାର ଆୟୋଜିତ ହୋଇଥିବା ପ୍ରଦର୍ଶନୀ ଉଦଘାଟନ ସହ ପ୍ରଦର୍ଶନ, ପିମଶ୍ରୀ ବିଦ୍ୟାଳୟ ପ୍ରାଚୀର ପତ୍ରିକା ଓ ଜ୍ଞାନ କାନ୍ଥ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଆକାଂକ୍ଷୀ ମେଳା ଇନ୍‌ସପାଏରି ଓଡ଼ିଶା ଅ୨୦୩୬ ଷ୍ଟଲ, ପିମଶ୍ରୀ ଆକାଂକ୍ଷୀ ଛାତ୍ର ପରିଷଦ ଷ୍ଟଲ, ଦୋକାନ ଯାତ୍ରା ପିମଶ୍ରୀ ବିଜନେସ ସମିଟ ଷ୍ଟଲ, ଆକାଂକ୍ଷୀ ଛାତ୍ର ପରିଷଦ ଟାଲେଂଟ ଗ୍ୟାଲେରୀ, ଭୋକସନଲ ଷ୍ଟଲ, କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସୃଜନଶୀଳ ପ୍ରବନ୍ଧ, ଗଳ୍ପ ଓ ପଟ୍ଟଚିତ୍ର ପ୍ରମୁଖ ସ୍ଥାନ ପାଇଅଛି । ଯାହାକି ଶ୍ରୀକ୍ଷାର୍ଥୀ ମାନଙ୍କର ବୌଧିକ ମାନସିକ ଏବଂ ସାମଗ୍ରୀକ ବିକାଶରେ ସହାୟକ ହେବ । ଏକ ବିଂଶ ଶତାବ୍ଦୀ ଜୀବନ କୌଶଳକୁ ଆୟତ କରିବାର ଦକ୍ଷତା ଗୁଡ଼ିକୁ ଶିକ୍ଷାର୍ଥୀ ମାନେ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଦେବରାଜ ସେଠୀ ପରିଚାଳନା କରିଥିଲା ବେଳେ ଏହାର ସଫଳ ରୂପାୟନ ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଲକାନଗିରି ମମତା ସୟ, କାଲିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଥିଲି ସୁମିତ ବିଶ୍ୱାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରୁକଣ୍ଡା ଗାୟତ୍ରୀ ଦେବୀ, ବିଜ୍ଞାନ ନିରିକ୍ଷକ ଜଗନ୍ନାଥ ବେହେରା, ସନ୍ଦିପ ଦାଶ, ଜଗଦୀଶ ସେଠୀ, ଅନନ୍ତ ବେହେରା, ଦୀନବନ୍ଧୁ ବେଜ, ସନାତନ ପ୍ରଧାନ, ମନୋଜ ମହାପାତ୍ର ,ଜିତୁ ରଂଜନ ସ୍ୱାଇଁ, ଚତୁର୍ଭୁଜ ଦାଶ, ଶରତ କୁମାର ଦାଶ, ବାସୁଦେବ ପଣ୍ଡାଙ୍କ ସହିତ ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନଙ୍କର ସହଯୋଗ ରହିଥିଲା ।

# ସହାୟତା ଦାବି ନେଇ ଆରଡି ଆର.ଆଇ ଅଫିସ ସମ୍ମୁଖରେ ଚାଷୀଙ୍କ ମେଳି

ଭଦ୍ରକ,୨୩/୦୧(ନି.ପ୍ର) : ଗତ ଅଗଷ୍ଟ ଓ ସେପଟ୍ଟେମ୍ବର ମାସରେ ବୈତରଣୀ ନଦୀରେ ଆସିଥି ଛୋଟବଡ ୬/୭ଟି ବନ୍ୟାରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧୋୟା ଅଂଚଳ ଭାବେ ପରିଚିତ ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁର ୪ଟି ପଂଚାୟତର ୨୨ଟି ଗାଁର ଶତାଧିକ ଚାଷୀଙ୍କର ହଜାର ହଜାର ଏକର ସାରଦ ଧାନତଳି ଧୋଇ ନେଇଥିଲା। ଏପରିକି ଅଧିକାଂଶ ଚାଷୀ ବ୍ଲକରୁ ବିହନ ଧାନ ଆଣିଥିବାବେଳେ ଆଉକିଛି ଚାଷୀ ବଜାରରୁ ବିହନ କିଣି ଆଣିଥିଲା। ବନ୍ୟାର ଏପରି ଆସିଥିଲା ଯାହାକି ଦୀର୍ଘ ୧୫ ଦିନ ଧରି ଚାଷଜମିକୁ ବୁଡାଇ ରଖିବାରୁ ସବୁତକ ବିହନ ଧାନତଳିକୁ ଧୋଇ ନେଇଥିଲା ବନ୍ୟାପାଣି। ଏପରି ଖବର ପାଇବା ପରେ ଭଦ୍ରକ ଜିଲାପାଳ ବନ୍ୟାଂଚଳ ସହ ଧାନ କ୍ଷେତ ଭୁଲି ଦେଖିବା ପରେ ଉଭୟ ଜିଲା ପ୍ରଶାସନ ଓ କୃଷି ବିଭାଗର ଅଧିକାରୀଙ୍କ ପକ୍ଷରୁ ମିଳିତ ଭାବେ କ୍ଷେତ୍ରୀୟ ପରିଦର୍ଶନ କରାଯିବା ସହ ଚାଷୀମାନଙ୍କୁ ଭେଟିଥିଲେ। ଏପରିକି କ୍ଷୟକ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଖୁବଶିଘ୍ର ମିଳିବ ବୋଲି ପ୍ରତିଶୃତି ଦେଇଥିଲେ। ତାହାସହ ଚାନ୍ଦବାଲି ତହସିଲଦାରଙ୍କ ଦପ୍ତରରୁ ଗତ ଅକ୍ଟୋବର ମାସ ୨୫ତାରିଖରେ ଚିଠି ସଂଖ୍ୟା ୧ରେ ପ୍ରକାଶିତ କ୍ଷତିଗ୍ରସ୍ତ ଚାଷୀମାନେ ନିଜର ଚାଷଜମିର ପରିମାଣ, ବ୍ୟାଙ୍କ ବହିର ନକଲ, ପରିଚୟପତ୍ର ଅକ୍ଟୋବର ୨୭ରୁ ନଭେମ୍ବର ୧୫ତାରିଖ ମଧ୍ୟରେ ଆରଡି ରାଜସ୍ୱ ଅଧିକାରୀଙ୍କ ପାଖରେ ଦାଖଲ କରିବା ପାଇଁ ନଟକା ଜାରି ହୋଇଥିଲା। ଏପରିକି କ୍ଷତିଗ୍ରସ୍ତ ଚାଷୀମାନେ ନିର୍ଦ୍ଧାରିତ ସମୟର ମଧ୍ୟରେ ତାଙ୍କର କ୍ଷୟକ୍ଷତିର ଦସ୍ତାବିଜ ଦେଇଥିଲେ ମଧ ସହାୟତା ମିଳିପାରୁ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଏପରିକି ଏହି ଅଂଚଳ ଧୋୟା ଅଂଚଳ ହୋଇଥିବାରୁ ସମସ୍ତ କ୍ଷତିର ସହାୟତା ମିଳିବ ବୋଲି ଅଧିକାରୀ ପ୍ରକାଶ କରିଥିଲେ। ହେଲେ ସହାୟତା ବିଳମ୍ବକୁ ନେଇ ଜିଲା ପ୍ରଶାସନ ଓ କୃଷି ବିଭାଗର ଉଚ୍ଚପ୍ରଦାଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିବା ସହ ଗୁରୁବାର ଆରଡି ଆର.ଆଇ ଅଫିସ ସମ୍ମୁଖରେ ମେଳି କରି ନାରାବାଜି ଦେଇଥିଲେ। ଯଦି ଆସନ୍ତା ୨୭ତାରିଖ ସୁଧା ଧୋୟା ସହାୟତା ରାଶି ନମିଳେ ଆନ୍ଦୋଳନକୁ ୪ଟି ପଂଚାୟତର ଶହଶହ ଚାଷୀ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଝାରସୁଗୁଡ଼ା,୨୩/୦୧(ନି.ପ୍ର) : ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗ, ଝାରସୁଗୁଡ଼ାର ଯୁଗ୍ମ ଆୟୋଜନରେ ଆଜି ଡିଏମଏଫ୍ ଅଡିଟୋରିଅମ୍ ?ରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଛି। ଏହି ଅବସରକୁ କେନ୍ଦ୍ର କରି ଏକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଗତ ୧୭ ଜାନୁଆରୀ ଠାରୁ ୨୪ ଜାନୁଆରୀ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଚିତ୍ରାଙ୍କନ, ନିବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଛି। ଆଜିର ମୁଖ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସାଜଦା ବେଗମ୍, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡା. ସୋମଦତ ପୁରୋହିତ, ଜିଲ୍ଲା ଶିଶୁ ସୁରକ୍ଷା ଇଉନିଟର ଶ୍ରୀ ଚୂଡ଼ାମଣି ପଣ୍ଡା ଏବଂ ସେହଡା ସ୍ୱେଚ୍ଛାସେବୀ ସଂସ୍ଥାର ଆନନ୍ଦିନୀ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ, କନ୍ୟା ସନ୍ତାନମାନଙ୍କ ଅଧିକାର ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ତିଆ ସମସ୍ତ ଅତିଥି ଓ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଯଜ୍ଞାସେନୀ ମହାନନ୍ଦ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଭୋଟର ସଚେତନତା ଦିବସ ପାଳିତ

ରାଇରଙ୍ଗପୁର, ୨୩/୦୧(ନି.ପ୍ର) : ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିସରରେ ଆଜି ‘ଜାତୀୟ ଭୋଟର ସଚେତନତା ଦିବସ’ ମହାସମାରୋହରେ ପାଳିତ ହୋଇଯାଇଛି। ଗଣତନ୍ତ୍ରକୁ ସୁଦୃଢ଼ କରିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ମତଦାନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ରବିଶଙ୍କର ଶତପଥୀ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ବିଜୟ କୁମାର ରାମ ସଭା ପରିଚାଳନା କରିଥିଲେ । ଏହି ସଭାରେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ତଥା ଶ୍ରମିକ ନେତା ନିଗମାନନ୍ଦ ପଟ୍ଟନାୟକ ଯୋଗଦେଇ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମତଦାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରୀମାନଙ୍କୁ ନିଜର ମତାଧିକାର ସାବ୍ୟସ୍ତ କରିବା ସହ ଅନ୍ୟମାନଙ୍କୁ ମଧ ସଚେତନ କରାଇବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଙ୍ଗାଲୋରରୁ ଆସିଥିବା ଡଃ. ଜୟଶ୍ରୀ ପଟ୍ଟନାୟକ ଏବଂ ସୁଧାଂଶୁବାଳା ପଟ୍ଟନାୟକ ଯୋଗଦେଇ ନିଜର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ମଧ୍ୟରେ ଦଶରଥ ଗୋରେଇ, ରେଣୁକା ମହାନ୍ତ, ସୁଭଦର୍ଶନୀ ମିଶ୍ର, ପ୍ରିୟତମା ହେମ୍ବ୍ରମ, ବିଦ୍ୟାବତୀ ବେହେରା, ଅନିତା ସାମତ ଏବଂ ଗୁଞ୍ଜନ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଭୋଟର ସଚେତନତା ସମ୍ପର୍କିତ ଶପଥ ପାଠ କରାଯାଇଥିଲା। ପରିଶେଷରେ ଅଧ୍ୟାପିକା ଅନିତା ସାମାଡ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲଷ୍ଟର ସ୍ତରୀୟ ଦୁଇ ଦିନିଆ ଟିଏଲଏମ ମେଳା ଉଦଯାପିତ

ନୂଆପଡ଼ା,୨୩/୦୧(ନି.ପ୍ର) : ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବରଗାଁ କ୍ଲଷ୍ଟର ସ୍ତରୀୟ ଦୁଇ ଦିନିଆ ଟିଏଲଏମ ମେଳା କୁଲି ଗାଁ ଆଶ୍ରମ ବିଦ୍ୟାଳୟ ଠାରେ ଆଜି ଗୋଟାଏ ସମୟରେ ଉଦଯାପିତ ହୋଇଯାଇଛି । ବରଗାଁ କ୍ଲଷ୍ଟର ସିଆରସିସି ଓମ ପ୍ରକାଶ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟିଏଲଏମ ମେଳାରେ କୁଲି ଗାଁ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି.ଆର.ସି.ସି. ଜୟଦେବ ପଣ୍ଡା, ବଡ଼ମହେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଶିଲ କୁମାର ଚଲାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତିଶ ଚନ୍ଦ୍ର ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର କ୍ଷତ୍ରି, ସିଆରସିସି ସଂଘ ସଭାପତି ଖଗେଶ୍ୱର ବାଗ ଯୋଗଦାନ କରି ଟିଏଲଏମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପରେ ବରଗାଁ କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ଏକ ୱାର୍କସପ ହୋଇଥିଲା । ଆରପି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଯଶୋବନ୍ତ ନାରାୟଣ ପଣ୍ଡା ଏବଂ ହେମନ୍ତ କୁମାର ମେହେର ଯୋଗଦାନ କରି ଟିଏଲଏମ ବିଷୟରେ କେମିତି ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଦାନ ଦିଆ ଯାଇ ପାରିବ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ଶିକ୍ଷକ ଶିକ୍ଷୟତ୍ରୀ ଶୁରୀୟା ସୁଲତାନା, ଅନୁପମା ଦୀପ, ଦେବ କୁମାର ବନଛୋର,ଲତିକା ମଞ୍ଜରୀ ରାଉତ, ରଥି ମେହେର, ରାଜେଶ ପଣ୍ଡା,ପୁଷ୍ପାଞ୍ଜଳି ବେଷ୍ତ୍ରା, ଇନ୍ଦ୍ର ପହରିଆ, ମୋହିନୀ ତାଣ୍ଡି, ସଂତୋଷିନି ଭୋଇ, ରୂପାଲି ଅପରାଜିତା ମଲ୍ଲିକ, ମୁରଲୀଧର ବେହେରା, ରାଧେଶ୍ୟାମ ଯୋଶୀ, ଜୟକୃଷ୍ଣ ପଣ୍ଡା, ମକରଧ୍ୱଜ କାଣ୍ଡ, ତ୍ରିଲୋଚନ ଶବର, କିଶୋରୀ ବାଗ, ଚେରୁ ତାଣ୍ଡି, ପ୍ରଦ୍ୟୁମ୍ନ ପତି ପ୍ରମୁଖ ଯୋଗଦାନ କରି ତାଲିମ ଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ଦେବ କୁମାର ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଲିବାକୁ ଯାଉଛନ୍ତି କି ?

*କୌଣସି ନୂଆ ସହରର ଟୁରିଷ୍ଟ ହଟସ୍ପଟ୍ ଦେଖିବାକୁ ଅନେକଙ୍କର ଆଗ୍ରହଥାଏ। କିନ୍ତୁ କୌଣସି ନୂଆ ସହରକୁ ଯିବା ପୂର୍ବରୁ ଏଥିପାଇଁ ସଠିକ୍ ଯୋଜନା କରିବାକୁ ପଡ଼ିଥାଏ। ଲଜିଙ୍ଗ ଚଏସଠାରୁ ଆରମ୍ଭ କରି କେଉଁ କେଉଁ ସ୍ଥାନରେ କେମିତି ସମୟ କାଟିବେ ସେଥିନେଇ ପୂର୍ବରୁ ପ୍ଲାନିଙ୍ଗ କରିବାକୁ ପଡ଼ିବ। ନୂଆ ସ୍ଥାନକୁ ଯାଉଥିଲେ ସେ ସ୍ଥାନ ବୁଲିବା ସହ ସେଠାକାର ପ୍ରତ୍ୟେକଟି କଥା ଜାଣିବା ସହ ସେଠି ଲୋକାଲ ପରି ରହିଲେ ବେଶୀ ଭଲ ଲାଗିବ। ତେବେ ଆପଣ ଜାଣି ରଖନ୍ତୁ ନୂଆ ସହରରେ ନୂଆ ଜାଗାରେ ଆପଣ କିଭଳି ସ୍ଥାନୀୟ ଲୋକଙ୍କ ଭଳି ରହିବେ।*

♦ ପବ୍ଲିକ ଟ୍ରାନ୍ସପୋର୍ଟସେନ ବ୍ୟବହାର କରନ୍ତୁ।

♦ ଯଦି କୌଣସି ନୂଆ ସ୍ଥାନ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ଚାହୁଁଛନ୍ତି ତେବେ ଏଥିପାଇଁ ସବୁଠାରୁ ସହଜ ଉପାୟ ହେଉଛି ସେହି ସ୍ଥାନର ଲୋକାଲ ପେପର ପଢ଼ିବା।

♦ ସମ୍ପୂର୍ଣ୍ଣ ରିଲାକ୍ସ ହେବା ପାଇଁ ହୋଟେଲ ରୁମ ଗୁଡ଼ିକ ଠିକ୍ ନୁହେଁ ଏବଂ ଏଗୁଡ଼ିକ ମଧ୍ୟ ଅନେକ ଟୁରିଷ୍ଟ ଆଟ୍ରାକ୍ସନ ନିକଟରେ ଥାଏ। ଅନ୍ୟ ଭାଷାରେ ଯଦି ଆପଣ ଏହି ଲଜିଙ୍ଗ ଅପ୍ସନ ବୁକ କରୁଛନ୍ତି ତେବେ ଆପଣ ଏହି ସହରର ଏକ ସମ୍ପୂର୍ଣ୍ଣ ସତ ଅନୁଭବ ପାଇପାରିବେନି। ସବୁଠାରୁ ସହଜ କଥା ହେଉଛି ସେହି ସ୍ଥାନରେ କୌଣସି ଘର କମ୍ବା ଫ୍ଲାଟ ଭଡ଼ା ନେଇ ରହିବା।







♦ ଭଡ଼ାରେ ରହିବା ଦ୍ୱାରା ଆପଣଙ୍କୁ ଏକ ଫଙ୍କସନାଲ କିଚେନ୍ ମିଳିବ ଯାହାଦ୍ୱାରା ଆପଣ ସ୍ଥାନୀୟ ଗ୍ରୋସରି ଷ୍ଟୋରରୁ ସଉଦା ଏବଂ ପରିବା କିଣି ରୋଷେଇ କରି ଖାଇପାରିବେ।

♦ ଏହାଦ୍ୱାରା ମଧ୍ୟ ଆପଣ ଲୋକାଲ ଲିଭିଙ୍ଗକୁ ଏନଜୟ କରିପାରିବେ।

♦ ସ୍ଥାନୀୟ ଭାଷା ଶିଖିବାକୁ ଚେଷ୍ଟା କରନ୍ତୁ ଏବଂ ସ୍ଥାନୀୟ ଲୋକଙ୍କ ସହ କଥା ହୁଅନ୍ତୁ।

♦ ସକାଳୁ ଉଠି ସେଠାକାର ସ୍ଥାନୀୟ ଲୋକ ଯେଉଁ ସ୍ଥାନରେ ମର୍ଣ୍ଣିଂ ୱାକ କରୁଛନ୍ତି ସେଠାରେ ମର୍ଣ୍ଣିଂ ୱାକ କରନ୍ତୁ ଏବଂ ସେମାନଙ୍କ ସହ ନିଜଆଡୁ ପ୍ରଥମେ ମିଶନ୍ତୁ। ଏହାଦ୍ୱାରା ଆପଣ ଜାଣିପାରିବେ ସେହି ସ୍ଥାନିୟ ଲୋକମାନଙ୍କର ବାସ୍ତବ ଜୀବନ କିଭଳି।

♦ ଲୋକାଲ ଭଲ୍ୟୁଣ୍ଟିୟରିଙ୍ଗ ଗ୍ରୁପ ସହ ମିଶି ଆପଣ କିଛି ଭଲ୍ୟୁଣ୍ଟିୟରିଂ କାର୍ଯ୍ୟ କରିପାରିବେ।

♦ ନିକଟବର୍ତ୍ତୀ ଛୋଟ ଛୋଟ ସହର ଗୁଡ଼ିକୁ ମଧ୍ୟ ବୁଲିବାକୁ ଯାଇପାରିବେ।

# ପୋଷା ସହ ଜଗିଂ

**ପ୍ରତ୍ୟେକ ଦାୟିତ୍ୱବାନ ଡଗ୍ ଓନର ଜାଣନ୍ତି ଯେ, ସେମାନଙ୍କ ପୋଷାକୁ ଦିନରେ ଦୁଇଥର ଜଗିଙ୍ଗ ପାଇଁ ନେବା ଅତ୍ୟନ୍ତ ଆବଶ୍ୟକ। ପାଗରେ ପରିବର୍ତ୍ତନ ହେଉ କିମ୍ବା ମୁଡ୍‌ରେ ପରିବର୍ତ୍ତନ ଥିଲେ ବି ପୋଷାକୁ ଜଗିଙ୍ଗ ଲାଗି ନେବା ଜରୁରୀ। ତେବେ ଦୁର୍ଭାଗ୍ୟବଶତଃ ଅଧିକାଂଶ ଲୋକ ସୁବବେଳେ ବ୍ୟସ୍ତ ରହିଥାନ୍ତି ଏବଂ ସେମାନେ ଅଧିକ ସମୟରେ ସେମାନଙ୍କ ପୋଷାଙ୍କ ସହ ଯଥେଷ୍ଟ ସମୟ ଅତିବାହିତ କରିପାରନ୍ତିନି। ତେବେ ଜାଣିରଖନ୍ତୁ, ଆପଣଙ୍କ ପୋଷା ସହ କେମିତି ଜଗ୍ କଲେ ସେ ସେଫ୍, ଇଣ୍ଟ୍ରେଷ୍ଟିଙ୍ଗ ଏବଂ ଇଫେକ୍ଟିଭ ରହିବ।**

♦ ପୋଷା ସହ ଜଗିଂ ପାଇଁ ବାହାରିବା ପୂର୍ବରୁ ପ୍ରଥମେ ଜାଣନ୍ତୁ ଯେ, ସେ ଦୌଡ଼ିବା ପାଇଁ ଷ୍ଟ୍ରଙ୍ଗ ଏବଂ ହେଲଦି ଅଛି। ଏହା ଯଦି ସଠିକ୍ ଉତ୍ତର ପାଇପାର ନଥିବେ ତେବେ ଚେକ ଅପ୍ ପାଇଁ ଭେଟ୍ ଭିଜିଟ୍ କରନ୍ତୁ । ପଶୁ ଚିକିତ୍ସକମାନେ କହୁଛନ୍ତି, ୧୮ ମାସ ବୟସର କୁକୁରମାନେ ନିୟମିତ ଭାବେ ଦୌଡ଼ିବା ଉଚିତ୍ ନୁହେଁ।

♦ ପୋଷା ସହ ଜଗିଂ କରିବା ଏକ ଚାଲେଞ୍ଜିଙ୍ଗ ପ୍ରୋସେସ୍। ଯଦି ଆପଣ ଜଗିଙ୍ଗକୁ ଅଧିକ ଇଫେକ୍ଟିଭ କରିବାକୁ ଚାହୁଁଛନ୍ତି ତେବେ ହାଇ କ୍ୱାଲିଟି ଡଗ୍ ଲିଜରେ ଅର୍ଥ ଇନଭେଷ୍ଟ୍ କରନ୍ତୁ।

♦ ପୋଷାକୁ ମୌଳିକ କମାଣ୍ଡ୍ ଗୁଡ଼ିକ ଶିଖାନ୍ତୁ। ଆପଣଙ୍କ ପୋଷା ଖୁବ୍ ଚତୁର ଏବଂ ସେନସିଟିଭ୍। କ୍ରିଏଚର ଯାହା ଆପଣ କ’ଣ କହୁଛନ୍ତି ଏବଂ ଫିଲ୍ କରୁଛନ୍ତି ତାହା ସହଜରେ ବୁଝିପାରିଥାଏ। ଜଗିଂ ଆରମ୍ଭ କରିବା ପୂର୍ବରୁ ଆବଶ୍ୟକୀୟ କମାଣ୍ଡ୍ ଗୁଡ଼ିକ ପୋଷାକୁ ଶିଖାନ୍ତୁ।

♦ ସବୁ ଅଭିଜ୍ଞ ଜଗରମାନେ ଜାଣନ୍ତି ଯେ, ଦୌଡ଼ିବା ପୂର୍ବରୁ ଖାଇବା ଏକ ବ୍ୟାଡ୍ ଆଇଡିଆ। ମଣିଷଙ୍କ ଠାରୁ କୁକୁରର ହଜମ ଶକ୍ତି ଭିନ୍ନ ହୋଇଥିବାବେଳେ କୌଣସି ଫିଜିକାଲ ଆକ୍ଟିଭିଟି କରିବା ପୂର୍ବରୁ ତାକୁ କିଛି ଖାଦ୍ୟ ଖାଇବାକୁ ଦେବା ମଧ୍ୟ ଠିକ୍ ନୁହେଁ। ନଚେତ୍ ଆପଣଙ୍କ ପୋଷା ଯାହା ଖାଇଛି ତାହା ବାନ୍ତି କରିଦେଇପାରେ।

♦ ଯେତେବେଳେ ପୋଷା ସହ ଜଗିଂରେ ବାହାରୁଛନ୍ତି ସେହି ସମୟରେ



ଆପଣ ଉଭୟଙ୍କ ପାଇଁ ପିଇବା ପାଣି ନେଇ ଯାଆନ୍ତୁ। ପାଣି ପିଇବା ଦ୍ୱାରା ଆପଣଙ୍କ ଶୋଷ ମେଣ୍ଟିବା ସହ ଆପଣ ଶୀଘ୍ର ଥଣ୍ଡା ମଧ୍ୟ ହୋଇଯିବେ। ଏହା ମଧ୍ୟ ଆପଣଙ୍କ ପୋଷାକୁ ଦେବାପାଇଁ ଆଦୌ ଭୁଲନ୍ତୁନି।

♦ ପ୍ରାୟ ସବୁ କୁକୁର ରନିଙ୍ଗ ଏବଂ ଆକ୍ଟିଭ ଗେମକୁ ଭଲପାଆନ୍ତି। ତେବେ ପ୍ରଥମେ ଅଳ୍ପ ଦୂରତା ଭିତରେ ପୋଷାକୁ ଜଗିଂ କରନ୍ତୁ।

# ସେ କ’ଣ ଅଧିକ ଡିମାଣ୍ଡିଙ୍ଗ ?

**କିଛି ଲୋକ ଅଧିକ ଡିମାଣ୍ଡିଙ୍ଗ ହୋଇଥାନ୍ତି। ସତ କହିବାକୁ ଗଲେ ସେମାନେ ସେମାନଙ୍କ ସମ୍ପର୍କରେ ଅସୁରକ୍ଷିତଥାନ୍ତି। ତାଙ୍କ ସହ ସମ୍ପର୍କ ରଖିଲେ ଆପଣ ଖୁବ ଶୀଘ୍ର ସାଇକିଆଟ୍ରିଷ୍ଟଙ୍କ ନିକଟକୁ ଯିବେ। ପ୍ରାରମ୍ଭିକ ସ୍ତରରେ ଏହା ସମସ୍ୟା ସୃଷ୍ଟି କରିଥାଏ। କିଛି ବ୍ୟକ୍ତି ଅତି ଅବାସ୍ତବ ଆଶା ରଖିଥାନ୍ତି। ତେବେ କେମିତି ଜାଣିବେ ଯେ, ସେ ଅଧିକ ଡିମାଣ୍ଡିଙ୍ଗ।**

♦ ଏମିତି ବ୍ୟକ୍ତି ବିଶ୍ୱାସ କରନ୍ତି ଯେ, ସେମାନଙ୍କ ପାର୍ଟନର ହେଉଛନ୍ତି ସେମାନଙ୍କ ସମ୍ପତ୍ତି ଏବଂ ସେମାନଙ୍କର ମୂଳଲକ୍ଷ୍ୟ ତାଙ୍କୁ ସନ୍ତୁଷ୍ଟ କରିବା ସଙ୍ଗେ ସଙ୍ଗେ ସବୁ ସମୟରେ ତାଙ୍କୁ ଖୁସି କରାଇବାକୁ ହେବ।

♦ ସେ ଆପଣଙ୍କୁ ତାଙ୍କ ଅକ୍ତିଆରକୁ ଆଣିବା ପାଇଁ ସବୁ ସମୟରେ ଆପଣଙ୍କୁ ରୋମାଣ୍ଟିକ ଟେକ୍ସଟ ମେସେଜ ପଠାଉଥିବ ଏବଂ ଏହାଦ୍ୱାରା ଆପଣ ଅନୁଭୂବ କରିପାରୁଥିବେ ଯେ, ଆପଣ ତାଙ୍କର ଅଧିକ ନିକଟତର ହୋଇଯାଉଛନ୍ତନି।

♦ ସେ ଅପଣଙ୍କ ଉପସ୍ଥିତି ସହ ସମ୍ପୂର୍ଣ୍ଣ ଭାବେ ଆଡ଼ିକଟେଡ଼୍ ହୋଇଯାଇଥିବେ ଏବଂ ଆପଣ ତାଙ୍କୁ ଛାଡ଼ି ଅନ୍ୟ କୁଆଡ଼େ ଯିବାକୁ ସେ ଆଦୌ ପସନ୍ଦ କରୁ ନଥିବେ।

♦ ସେ ଆପଣଙ୍କୁ ଅତ୍ୟଧିକ ସ୍ନେହ ଏବଂ ଭଲପାଇବା ଦେଉଥିବେ କିନ୍ତୁ ଆପଣ ତାଙ୍କର ଏହିପରି କାର୍ଯ୍ୟକଳାପରେ ଏକଦମ ଅତିଷ୍ଠ ହୋଇଯାଉଥିବେ ଏବଂ ଏହା ଅନୁଭବ କରଉଥିବ।

♦ ସେ ଆପଣଙ୍କୁ ଆପଣଙ୍କ ସାଙ୍ଗମାନଙ୍କ ସହ ବାହାରକୁ ଯିବାପାଇଁ ଆଦୌ ଅନୁମତି ଦେଉନଥିବେ। ଆପଣଙ୍କ ବୁଲାବୁଲି ଉପରେ ସେ ରେଷ୍ଟ୍ରିକସନ ଲଗାଉଥିବେ ଏବଂ ଏକାକୀ ବାହାରକୁ ଯିବାକୁ ଦେଉନଥିବେ। ସେ ଆପଣଙ୍କୁ ଆଦୌ ସ୍ପେସ ଦେଉନଥିବେ ଏବଂ ଆପଣ ଯଦି ତାଙ୍କ କଥା ନଶୁଣୁଥିବେ ତେବେ ସେ କାନ୍ଦୁଥିବେ। ଏହାଦ୍ୱାରା ସେ ଆପଣଙ୍କୁ ଇମୋସନାଲ ବ୍ଲାକମେଲ୍ କରିଥାନ୍ତି।

♦ ଆପଣଙ୍କର ଆପଣଙ୍କ ସହକର୍ମୀଙ୍କ ସହ କିଛି ଖରାପ ସମ୍ପର୍କ ରହିଛି ଏକଥା ସେ ସନ୍ଦେହ କରୁଥିବେ।

♦ ସେ ଆପଣଙ୍କ ଆଟେନସନ ସବୁ ସମୟରେ ଡିମାଣ୍ଡ୍ କରିବେ ଏବଂ ଯଦି ଆପଣ ତାଙ୍କୁ



ଯଥେଷ୍ଟ ଆଟେନସନ ନଦେବେ ତେବେ ସେ ଆପଣଙ୍କୁ ବାରମ୍ବାର କହିବେ ଯେ, ଆପଣ ଆଦୌ ତାଙ୍କ ପାଇଁ କେୟାରିଙ୍ଗ ନୁହନ୍ତି।

# ନାକ ଗହଣାର ଗରିମା





ଭାରତୀୟ ପରମ୍ପରାରେ ବିବାହିତ ମହିଳାମାନେ ନାମରେ ଗହଣା ପିନ୍ଧିବାର ଗୁରୁତ୍ୱ ରହିଛି। ପୂର୍ବକାଳରେ ମହିଳାମାନଙ୍କ ପାଇଁ ନାକ ଫୋଡ଼ାଇବା ଏକ ପ୍ରକାର ବାଧ୍ୟତାମୂଳକ ଥିଲା। ଏବେ ଆଉ ତାହା ନାହିଁ। ତେବେ ନାକରେ ଗହଣା ପିନ୍ଧିବା ଆଜିକାଲି ଫ୍ୟାସନର ଅଂଶବିଶେଷ ହୋଇଯାଇଛି। ଏଣୁ କେବଳ ମହିଳା ନୁହନ୍ତି, ଝିଅମାନେ ମଧ୍ୟ ନାକ ଫୋଡ଼ାଇ ଗହଣା ପିନ୍ଧିବା ଦେଖିବାକୁ ମିଳୁଛି। ନାକ ଗହଣା ପ୍ରଚଳନ କେଉଁ ପୁରାକାଳରୁ ପ୍ରଚଳିତ। ଆୟୁର୍ବେଦୀୟ ଗ୍ରନ୍ଥ ସୁଶ୍ରୁତ ସଂହିତାରେ ନାକ ଫୋଡ଼ା ସମ୍ପର୍କରେ ତଥ୍ୟ ରହିଛି।

ନାକ ଫୋଡ଼ାଇବାର ଏହି ପରମ୍ପରା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଆୟୁର୍ବେଦ କହେ ନାକପୁଡ଼ାର ନିର୍ଦ୍ଦିଷ୍ଟ ସ୍ଥାନ ଫୋଡ଼ାଇବା ଦ୍ୱାରା ରତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣା ଲାଘବ ହୋଇଥାଏ। ମହିଳାମାନେ ବାମ ନାକ ଫୋଡ଼ାଇବା ଉଚିତ। କାରଣ ବାମ ନାକପୁଡ଼ାର ସ୍ନାୟୁଗୁଡ଼ିକ ମହିଳାଙ୍କ ପ୍ରଜନନ ବ୍ୟବସ୍ଥା ସହ ସମ୍ପୃକ୍ତ ରହିଛି। ନାକ ଫୋଡ଼ାଇବା ଦ୍ୱାରା ପିଲାଜନ୍ମ ପ୍ରକ୍ରିୟା ଅପେକ୍ଷାକୃତ ସହଜସାଧ୍ୟ ହୋଇଥାଏ। ଭାରତର ପୂର୍ବ ଭାଗରେ କେତେକ ଅଞ୍ଚଳରେ ଏକ ପ୍ରକାର ଅନ୍ଧବିଶ୍ୱାସ ରହିଛି ଯେ ପତ୍ନୀଙ୍କ ନିଃଶ୍ୱାସ ସିଧାସଳଖ ସ୍ୱାମୀଙ୍କ ଶରୀରରେ ବାଜିଲେ ସ୍ୱାମୀଙ୍କ ସ୍ୱାସ୍ଥ୍ୟହାନି ଘଟେ। ଏଣୁ ନାକରେ ଧାତୁ ତିଆରି ଗହଣା ପିନ୍ଧାଯାଏ।

# ଆପଣ ତାଙ୍କ ପ୍ରତି କେୟାରିଙ୍ଗ

ପ୍ରେମ ସବୁବେଳେ ଯତ୍ନ ଆବଶ୍ୟକ କରିଥାଏ। ସମ୍ପର୍କକୁ ସୁଦୃଢ଼ ଓ ମଜବୁତ କରିବା ଦାୟିତ୍ୱ ଆପଣଙ୍କର। ଆପଣ ଯେତେ ସଚେତନ ରହିବେ ସମ୍ପର୍କର ଡୋର ସେତେ ମଜବୁତ ରହିବ। ଆପଣଙ୍କ ସାଥୀଙ୍କୁ ଖୁବ ଭଲପାଉଛନ୍ତି ଏବଂ ତାଙ୍କର ଯତ୍ନ ନେଉଛନ୍ତ ଏକଥା ସେ ଜାଣି ରଖିବା ଉଚିତ। ତେଣୁ ସାଥୀ କେମିତି ଅନୁଭବ କରିବେ ଯେ, ଆପଣ ତାଙ୍କୁ ସାରା ଜୀବନ ଭଲପାଇବେ ଏବଂ ସାରା ଜୀବନ ତାଙ୍କର ଯତ୍ନ ନେବେ। ସେ ବିଷୟରେ କିଛି ଜାଣି ରଖନ୍ତୁ। ଯଦିଓ ସତ ଭଲପାଇବା ଜଣଙ୍କର ତ୍ୟାଗ ଉପରେ ନିର୍ଭର କରିଥାଏ, ତଥାପି ଆପଣଙ୍କ ଭଲପାଇବାକୁ ଆପଣଙ୍କ ଭଲପାଉଥିବା ମଣିଷ ହୃଦବୋଧ କରିବା ଦରକାର।

♦ ଯେତେବେଳେ ବି ସେ ଆପଣଙ୍କ ସହ କଥା ହେଉଛନ୍ତି ସେତେବେଳ ତାଙ୍କ ଆଖିରେ ଆଖି ମିଶାନ୍ତୁ। ଯେତେବେଳେ ତାଙ୍କ ଶରୀର ଅସୁସ୍ଥ ଅଛି କିମ୍ବା କୌଣସି କାରଣ ପାଇଁ ସେ ଦୁଃଖରେ ଅଛନ୍ତି ସେତେବେଳେ କେବଳ ତାଙ୍କ ହାତ ଧରନ୍ତୁ। ଏହାଦ୍ୱାରା ସେ ଆପଣଙ୍କର ଅଧିକ ନିକଟତର ହୋଇଥିବା କଥା ଅନୁଭବ କରିପାରିବେ।

♦ ତାଙ୍କ ପାଇଁ କିଛି ଗୋଟେ କବିତା ଲେଖନ୍ତୁ। ଯଦିଓ ଆପଣଙ୍କୁ ଏହା ଭଲଲାଗେନି ତଥାପି ତାଙ୍କ ପାଇଁ ଏତିକି ଚେଷ୍ଟା କରନ୍ତୁ। ଏହା ନିଶ୍ଚିତ ଯେ, ସେ ଆପଣଙ୍କ ହାତ ଲେଖା କବିତା ଦେଖିଲେ ନିଶ୍ଚିତ ଭାବେ ହସିବେ।



♦ ତାଙ୍କୁ ରିଲାକ୍ସ କରିବାକୁ ତାଙ୍କ ପାଇଁ ଗୋଟିଏ ଦିନ ଦିଅନ୍ତୁ। ଏକ ସ୍ପେଶାଲ ପ୍ଲାନିଙ୍ଗ କରନ୍ତୁ। ଏବଂ ତାଙ୍କ ସହ ପୁରାଦିନ ଅତିବାହିତ କରନ୍ତୁ। ଏହାଦ୍ୱାରା ସେ ଅନୁଭବ କରିବେ ଯେ, ଆପଣ ତାଙ୍କୁ ବହୁତ ଭଲପାଆନ୍ତି।

♦ ଯଦି ଆପଣ ଭଲଭାବେ ଜାଣନ୍ତି ଯେ, ସେ ଆପଣଙ୍କ ବିଷୟରେ ଜାଣିବା ପାଇଁ ସବୁବେଳେ ଇଚ୍ଛୁକ ଏବଂ ଆପଣ ବାହାରେ ଥିବାବେଳେ ସେ ଆପଣଙ୍କୁ ଫୋନ କରି ବୁଝନ୍ତି ଆପଣ କେଉଁଠାରେ ଅଛନ୍ତି ତେବେ ସେହି ସମାନ ଉପାୟରେ ଆପଣ ତାଙ୍କ ସହ ମଧ ଟ୍ରିଟ କରିବା ଦରକାର। ସମୟକୁ ସମୟ ଆପଣ ତାଙ୍କୁ ଜଣାନ୍ତୁ ଯେ, ଆପଣ କେଉଁଠି ଅଛନ୍ତି ଏବଂ ଏଥିସହ ଆପଣ ନିଜେ ମଧ ତାଙ୍କ ବିଷୟରେ ପଚାରି ବୁଝନ୍ତୁ।

♦ ଯଦି ସେ ଆପଣଙ୍କ ନିଷ୍ପତ୍ତିର ସମାଲୋଚନାକରୁଛନ୍ତି କିମ୍ବା ମଜାକ କରୁଛନ୍ତି, ତେବେ ଆପଣ ତାଙ୍କର ଉପଦେଶ ନିଅନ୍ତୁ। ସମୟ ସମୟରେ ସେ ଠିକ୍ କଥା କହିଥାନ୍ତି ଏବଂ ଆପଣଙ୍କୁ ଠିକ୍ ବାଟରେ ଗାଇଡ଼୍ କରିନେଇପାରନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୪ ଜାନୁଆରୀ ୨୦୨୬, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତର ଶକ୍ତି ସୁରକ୍ଷା ଓ ଜଳ ସୁରକ୍ଷା

ଭାରତର ଶକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ସମୟ ଚାଲିଛି, ଯେଉଁଠାରେ ଦେଶର ଅର୍ଥନୀତିକୁ ଗତି ଦେବା ପାଇଁ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ, ଆଗାମୀ ବର୍ଷଗୁଡ଼ିକରେ ପ୍ରାୟ ୮୦ ବିଲିୟନ ଡଲାର (ପ୍ରାୟ ୬.୬୪ ଲକ୍ଷ କୋଟି ଟଙ୍କା) ର ନୂତନ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରିବାକୁ ଭାରତ ଯୋଜନା କରୁଛି। ଏହା ଦେଶର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି। କିନ୍ତୁ ଏହି ବିରାଟ ଯୋଜନା ଏକ ଅଦୃଶ୍ୟ ସଙ୍କଟର ସମ୍ମୁଖୀନ ହେଉଛି, ଯାହା ହେଉଛି ଜଳର ଅଭାବ। ଏହି ପରିସ୍ଥିତି ଭାରତ ପାଇଁ ଏକ ଅଦ୍ଭୁତ **"Catch-22"** ପରିସ୍ଥିତି ସୃଷ୍ଟି କରିଛି। ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୧୭% ରୁ ୧୮% ଭାରତରେ ବାସ କରୁଥିବାବେଳେ, ଏହା ନିକଟରେ ବିଶ୍ୱର ମୋଟ ଜଳ ସମ୍ବଳର ମାତ୍ର ୪% ରହିଛି। ଏହି ବିରାଟ ଅସନ୍ତୁଳନ ଦେଶର ଜଳ ସୁରକ୍ଷା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ପ୍ରତି ବ୍ୟକ୍ତି ପିଛା ଜଳ ଉପଲବ୍ଧତା ଦୃଷ୍ଟିରୁ ଭାରତ ବିଶ୍ୱର ସବୁଠାରୁ ଜଳ-ସଙ୍କଟଗ୍ରସ୍ତ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ। ୨୦୦୧ରେ ଭାରତରେ ପ୍ରତି ବ୍ୟକ୍ତି ପିଛା ବାର୍ଷିକ ଜଳ ଉପଲବ୍ଧତା ୧୮୧୬ ଘନ ମିଟର ଥିବାବେଳେ, ୨୦୧୧ ସୁଦ୍ଧା ଏହା ୧୫୪୫ ଘନ ମିଟରକୁ ହ୍ରାସ ପାଇଛି। ୨୦୨୧ ସୁଦ୍ଧା ଏହା ପ୍ରାୟ ୧୪୮୬ ଘନ ମିଟରକୁ ଖସିଆସିଛି। ବିଭିନ୍ନ ଅଧ୍ୟୟନ ଅନୁଯାୟୀ, ୨୦୩୧ ସୁଦ୍ଧା ଏହା ୧୩୬୭ ଘନ ମିଟର ଏବଂ ୨୦୫୦ ସୁଦ୍ଧା ୧୧୯୧ ଘନ ମିଟରକୁ ଖସିଯିବାର ଆଶଙ୍କା ରହିଛି। ୧୭୦୦ ଘନ ମିଟରରୁ କମ୍ ବାର୍ଷିକ ପ୍ରତି ବ୍ୟକ୍ତି ଜଳ ଉପଲବ୍ଧତାକୁ ଜଳ-ଚାପଗ୍ରସ୍ତ **(water-stressed)** ପରିସ୍ଥିତି ଭାବରେ ବିବେଚନା କରାଯାଏ, ଏବଂ ୧୦୦୦ ଘନ ମିଟରରୁ କମ୍ ହେଲେ ଏହା ଜଳ ଅଭାବ **(water-scarce)** ପରିସ୍ଥିତିକୁ ସୂଚାଏ। ଭାରତ ଏବେ ଜଳ-ଚାପଗ୍ରସ୍ତ ଶ୍ରେଣୀରେ ଥିବାବେଳେ, ଭବିଷ୍ୟତରେ ଜଳ ଅଭାବର ସୀମା ନିକଟତର ହେବାର ସମ୍ଭାବନା ରହିଛି।

ଅନେକ ନୂତନ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ଏପରି ଅଞ୍ଚଳରେ ସ୍ଥାପିତ ହେବାକୁ ଯାଉଛି, ଯେଉଁଠାରେ ଜଳ ସଙ୍କଟ ପୂର୍ବରୁ ହିଁ ଅତ୍ୟନ୍ତ ଗମ୍ଭୀର ରହିଛି। ଏହି ପରିସ୍ଥିତି ଭାରତର ଶକ୍ତି ସୁରକ୍ଷା ଏବଂ ଜଳ ସୁରକ୍ଷା ମଧ୍ୟରେ ଏକ ଜଟିଳ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଚୁର ପରିମାଣରେ ଜଳ ଆବଶ୍ୟକ କରନ୍ତି, ବିଶେଷ କରି ଶୀତଳୀକରଣ ପ୍ରକ୍ରିୟା ପାଇଁ। ଗତ କିଛି ବର୍ଷ ମଧ୍ୟରେ, ଜଳ ଅଭାବ ଯୋଗୁଁ ଭାରତରେ ୬୦.୩୩ ବିଲିୟନ ୟୁନିଟ୍ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ହରାଇଛି, ଯାହା ପ୍ରାୟ ୧୯ ଦିନର କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ସହିତ ସମାନ। ଯେତେବେଳେ ନୂତନ ପ୍ରକଳ୍ପଗୁଡ଼ିକ ଜଳ-ସଙ୍କଟଗ୍ରସ୍ତ ଅଞ୍ଚଳରେ ସ୍ଥାପିତ ହୁଏ, ସେତେବେଳେ ସେମାନେ ସ୍ଥାନୀୟ କୃଷି ଏବଂ ପାନୀୟ ଜଳ ଆବଶ୍ୟକତା ସହିତ ପ୍ରତିଯୋଗିତା କରନ୍ତି, ଯାହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରେ। ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାର ଉଦାହରଣ ଏହାର ଏକ ଜ୍ୱଳନ୍ତ ପ୍ରମାଣ, ଯେଉଁଠାରେ ୨୦୧୭ରେ ଏକ କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟ ଆହୁରି ବଢ଼ିଯାଇଛି।

ଏହି ପରିସ୍ଥିତି ଭାରତର ବିକାଶ ମଡେଲ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରୁଛି। ଗୋଟିଏ ପଟେ, ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ଶକ୍ତିର ଆବଶ୍ୟକତା ରହିଛି। ଅନ୍ୟ ପଟେ, ଜଳ ଏକ ସୀମିତ ସମ୍ବଳ ଏବଂ ଏହାର ଅବିବେକୀ ବ୍ୟବହାର ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରିପାରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳ ସଙ୍କଟ ଆହୁରି ତୀବ୍ର ହେବାର ସମ୍ଭାବନା ଥିବାବେଳେ, କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଦେଶକୁ ଏକ ଅସୁରକ୍ଷିତ ଭବିଷ୍ୟତ ଆଡ଼କୁ ଠେଲି ଦେଇପାରେ। ଏହି ସମସ୍ୟାର ସମାଧାନ ପାଇଁ କେବଳ ନୂତନ କୋଇଲା ପ୍ରକଳ୍ପଗୁଡ଼ିକର ସ୍ଥାନ ନିର୍ଦ୍ଧାରଣରେ ପରିବର୍ତ୍ତନ ଆଣିବା ଯଥେଷ୍ଟ ନୁହେଁ, ବରଂ ଏକ ବ୍ୟାପକ ରଣନୀତିର ଆବଶ୍ୟକତା ରହିଛି।

କୋଇଲା ଶକ୍ତି ଭାରତର ଭବିଷ୍ୟତ ହେବା ଉଚିତ୍ ନୁହେଁ, ଏହାର ଅନେକ କାରଣ ରହିଛି। ପ୍ରଥମତଃ, କୋଇଲା ଜାଳିବା ଦ୍ୱାରା ବାୟୁମଣ୍ଡଳରେ ପ୍ରଚୁର ପରିମାଣରେ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍) ନିର୍ଗତ ହୁଏ, ଯାହା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ଏହା ବ୍ୟତୀତ, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୂକ୍ଷ୍ମ କଣିକା ପରି ବିଷାକ୍ତ ପ୍ରଦୂଷକ ବାୟୁରେ ମିଶିଥାଏ, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ଏହି ପ୍ରଦୂଷଣ ଶ୍ୱାସକ୍ରିୟା ଜନିତ ରୋଗ, ହୃଦରୋଗ ଏବଂ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ, ଯାହା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ପକାଏ। ଦ୍ୱିତୀୟତଃ, କୋଇଲା ଏକ ସୀମିତ ସମ୍ବଳ। ଏହାର ଉତ୍ତୋଳନ ପାଇଁ ବ୍ୟାପକ ଖଣି କାର୍ଯ୍ୟକଳାପ ଆବଶ୍ୟକ, ଯାହା ଜଙ୍ଗଲ ନଷ୍ଟ, ଭୂମି ଅବକ୍ଷୟ ଏବଂ ଜଳ ପ୍ରଦୂଷଣ ପରି ପରିବେଶଗତ କ୍ଷତି ଘଟାଏ। ଏହି ପ୍ରକ୍ରିୟା ସ୍ଥାନୀୟ ଜନସାଧାରଣଙ୍କୁ ବିସ୍ଥାପିତ କରିବା ସହିତ ସେମାନଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଏ। ତୃତୀୟତଃ, ବିଶ୍ୱ ସ୍ତରରେ ଅକ୍ଷୟ ଶକ୍ତିର ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି। ସୌର ଶକ୍ତି ଏବଂ ପବନ ଶକ୍ତି ବର୍ତ୍ତମାନ କୋଇଲା ଭିତ୍ତିକ ବିଦ୍ୟୁତ୍ ଠାରୁ ଅଧିକ ପ୍ରତିଯୋଗିତାମୂଳକ ହୋଇପାରିଛି। ଏହି ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକ ପରିବେଶ ଅନୁକୂଳ ହେବା ସହିତ ଦୀର୍ଘକାଳୀନ ସ୍ଥାୟୀ ଏବଂ ଜଳ ଉପରେ କମ୍ ନିର୍ଭରଶୀଳ। ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଭାରତକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିବ। ଚତୁର୍ଥତଃ, ଭାରତ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରତିବଦ୍ଧତା କରିଛି, ଯେପରିକି ପ୍ୟାରିସ୍ ଚୁକ୍ତି ଏବଂ ନେଟ୍-ଜିରୋ ନିର୍ଗମନ ଲକ୍ଷ୍ୟ। କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ବୃଦ୍ଧି ଏହି ପ୍ରତିବଦ୍ଧତାଗୁଡ଼ିକର ବିରୁଦ୍ଧାଚରଣ କରେ ଏବଂ ଭାରତର ଅନ୍ତର୍ଜାତୀୟ ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହେଉଥିଲେ ମଧ୍ୟ, ଏହାର କୁପ୍ରଭାବ କିଛି ଦେଶ ଉପରେ ଅଧିକ ପଡ଼ିଥାଏ, ଏବଂ ଭାରତ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଭାରତର ଭୌଗୋଳିକ ଅବସ୍ଥିତି, ବିଶାଳ ଜନସଂଖ୍ୟା ଏବଂ କୃଷି ଉପରେ ଅତ୍ୟଧିକ ନିର୍ଭରଶୀଳତା ଏହାକୁ ଜଳବାୟୁ ପରିବର୍ତ୍ତନ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ। ଉଦାହରଣ ସ୍ୱରୂପ, ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଘୂର୍ଣ୍ଣିଝଡ଼ର ବାରମ୍ବାରତା ବୃଦ୍ଧି ଯୋଗୁଁ ବିପଦରେ ଥିବାବେଳେ, ଉତ୍ତର ଭାରତର ଗଙ୍ଗା ସମତଳ ଅଞ୍ଚଳ ଏବଂ ହିମାଳୟ ଅଞ୍ଚଳ ଅତ୍ୟଧିକ ବର୍ଷା, ବନ୍ୟା ଏବଂ ଭୂସ୍ଖଳନର ସମ୍ମୁଖୀନ ହେଉଛନ୍ତି। ରାଜସ୍ଥାନ ଏବଂ ଗୁଜୁରାଟ ପରି ଶୁଷ୍କ ଅଞ୍ଚଳରେ ମରୁଡ଼ି ଏବଂ ଜଳ ସଙ୍କଟ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି। ଭାରତରେ ବାରମ୍ବାର ଅନୁଭୂତ ହେଉଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଅନିୟମିତ ମୌସୁମୀ ଏବଂ ଅତ୍ୟଧିକ ବର୍ଷା ଜନିତ ବନ୍ୟା ପରି ଘଟଣାଗୁଡ଼ିକ ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ପ୍ରମାଣ। ଏହି ଘଟଣାଗୁଡ଼ିକ କୃଷି ଉତ୍ପାଦନକୁ ବାଧା ଦେଇ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି, ଜୀବିକା ନଷ୍ଟ କରୁଛି ଏବଂ ସ୍ୱାସ୍ଥ୍ୟ ସମସ୍ୟା ବଢ଼ାଉଛି। ଏହି କାରଣରୁ, ଭାରତ ପାଇଁ ଜଳବାୟୁ ପରିବର୍ତ୍ତନକୁ ଅନ୍ୟ ଦେଶମାନଙ୍କ ତୁଳନାରେ ଅଧିକ ସକ୍ରିୟ ଭାବରେ ଚିନ୍ତା କରିବା ଏବଂ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ। ଏହା କେବଳ ପରିବେଶ ସୁରକ୍ଷା ପାଇଁ ନୁହେଁ, ବରଂ ଦେଶର ଅର୍ଥନୈତିକ ସ୍ଥିରତା, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଅପରିହାର୍ଯ୍ୟ।

ଏହି ସଙ୍କଟରୁ ବାହାରିବା ପାଇଁ ଭାରତକୁ ନିଜର ଶକ୍ତି ନୀତିରେ ଏକ ସନ୍ତୁଳିତ ଦୃଷ୍ଟିକୋଣ ଆପଣାଇବାକୁ ପଡ଼ିବ। ଅକ୍ଷୟ ଶକ୍ତି ଉତ୍ସ, ଯେପରିକି ସୌର ଏବଂ ପବନ ଶକ୍ତି, ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ଜଳ-ଦକ୍ଷ ବିଦ୍ୟୁତ୍ ଉତ୍ପାଦନ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ପୁରୁଣା କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ଆଧୁନିକୀକରଣ ଏବଂ ଜଳ ବ୍ୟବହାରକୁ କମ୍ କରିବା ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଆପଣାଇବା ମଧ୍ୟ ସହାୟକ ହେବ। ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସହଯୋଗ ଏହି ସମସ୍ୟାର ସମାଧାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଳ ସମ୍ବଳର ସୁପରିଚାଳନା ଏବଂ ସ୍ଥାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଶକ୍ତି ପ୍ରକଳ୍ପଗୁଡ଼ିକର ଯୋଜନା କରିବା ଭବିଷ୍ୟତ ପାଇଁ ଏକ ସ୍ଥାୟୀ ମାର୍ଗ ପ୍ରସ୍ତୁତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ତୁରନ୍ତ ଧ୍ୟାନ ଦେବା ଏବଂ ଦୀର୍ଘକାଳୀନ ସମାଧାନ ପାଇଁ କାର୍ଯ୍ୟ କରିବା ଭାରତର ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ।

## ଅଶାନ୍ତ ତେହେରାନ୍ ଓ ସାମ୍ପ୍ରତିକ ବିଶ୍ୱର ପରିସ୍ଥିତି



### ଡାକ୍ତର ରାଜକିଶୋର ପଣ୍ଡା

ଏହା ଭିତରେ ୨୦୨୫ ଡିସେମ୍ବର ଶେଷ ଭାଗରେ ଇରାନରେ ଆରମ୍ଭ ହୋଇଥିବା ସରକାର ବିରୋଧୀ ଜନ ଆନ୍ଦୋଳନ, ବର୍ତ୍ତମାନ ସମୟ ସୁଦ୍ଧା ଭୟଙ୍କର ଆକାର ଧାରଣ କରିଛି। ମିଳିଥିବା ରିପୋର୍ଟ ଅନୁଯାୟୀ ପାଖାପାଖି ପନ୍ଦର ହଜାରରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ହତ୍ୟା କରାଯାଇଛି। ଏହାକୁ ଆଧୁନିକ ଇରାନ ଇତିହାସରେ ସର୍ବବୃହତ ଗଣହତ୍ୟା ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ଅସଂଖ୍ୟ ବିରୋଧୀ ଦଳର ରାଜନେତା ଏବଂ ଛାତ୍ରନେତାମାନଙ୍କୁ ଇରାନର ମୌଳବାଦୀ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ବିଦ୍ରୋହକୁ ପ୍ରଶମିତ କରିବାକୁ ଉଦ୍ୟମ କରିଛନ୍ତି। ଏହି ନିବନ୍ଧଟି ଲେଖିବାବେଳକୁ ଯଦିଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକରେ, ଇରାନ୍ ବିଦ୍ରୋହୀମାନଙ୍କର ଫାଶୀଦଣ୍ଡକୁ ସ୍ଥଗିତ ରଖିଛି କିନ୍ତୁ ଏହି ଆନ୍ଦୋଳନକୁ କେନ୍ଦ୍ର କରି ବର୍ତ୍ତମାନ ସମଗ୍ର ମଧ୍ୟପ୍ରାଚ୍ୟ ଓ ବିଶ୍ୱ ଅଶାନ୍ତ ହୋଇପଡ଼ିଛି। ଇତିମଧ୍ୟରେ ମିଳୁଥିବା ଖବର ଅନୁଯାୟୀ ଯୁକ୍ତରାଷ୍ଟ୍ର ଆମେରିକାର ଯୁଦ୍ଧଜାହାଜ ଯାହାର ନାମ ୟୁଏସ୍ଏସ୍ ଆବ୍ରାହାମ୍ ଲିଙ୍କନ୍ ଦକ୍ଷିଣ ଚୀନ ସାଗରରୁ ମଧ୍ୟ ପ୍ରାଚ୍ୟକୁ ଯାତ୍ରା ଆରମ୍ଭ କରିଛି। ଏହି ଯୁଦ୍ଧ ଜାହାଜଟି ବିଶ୍ୱର ସବୁଠାରୁ ବଡ଼, ଶକ୍ତିଶାଳୀ ତଥା ପରମାଣୁ ଶକ୍ତି ସମ୍ପନ୍ନ ଯୁଦ୍ଧଜାହାଜମାନଙ୍କ ଭିତରୁ ଅନ୍ୟତମ ଅଟେ। ଇରାନକୁ ଚାରିପଟୁ ଘେରାଉ କରିବା ଓ ଏହାର ସାମରିକ ପ୍ରତିଷ୍ଠାନ ଉପରେ ଆମେରିକାର ଆକ୍ରମଣ ଯୋଜନା ଯଦି ବାସ୍ତବ ରୂପ ନିଏ ତେବେ ତାହା ଯେ ସମଗ୍ର ବିଶ୍ୱରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ।

ଇରାନ୍‌ରେ ବର୍ତ୍ତମାନ ଦେଖାଦେଇଥିବା ଶାସନତନ୍ତ୍ର ବିରୋଧୀ ଗଣ ଆନ୍ଦୋଳନ କିଛି ନୂଆ କଥା ନୁହେଁ। ଅତୀତରେ ବିଭିନ୍ନ କାରଣରୁ ପ୍ରାୟ ଚାରିଥର ଇରାନ୍ ଏହିପରି ପରିସ୍ଥିତିର ସମ୍ମୁଖୀନ ହୋଇଛି। ଏହିସବୁର କାରଣ ଖୋଜିବାକୁ ହେଲେ ଆମକୁ ଯିବାକୁ ପଡ଼ିବ ୧୯୫୦ ଦଶକକୁ। ୧୯୫୩ ମସିହାରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଇରାନର ପ୍ରଧାନମନ୍ତ୍ରୀଙ୍କୁ ଆମେରିକା ଓ ଇଂଲଣ୍ଡ ଏକ ସାମରିକ ବିଦ୍ରୋହ ମାଧ୍ୟମରେ ଗାଦିଚ୍ୟୁତ କରିଥିଲେ। ଏହାର କାରଣ ତତ୍କାଳୀନ ପ୍ରଧାନମନ୍ତ୍ରୀ, ଆମେରିକା ଓ ଇଂଲଣ୍ଡର, ଇରାନ୍‌ରେ ଅବାରିତ ତୈଳ କାରବାର ଉପରେ ପ୍ରତିବନ୍ଧକ ଲଗାଇବା ସହିତ, ତୈଳ ଖଣିଗୁଡ଼ିକୁ ଜାତୀୟକରଣ କରିଥିଲେ। ତେଣୁ ତାଙ୍କୁ ଶାସନଗାଦିରୁ ହଟାଇଲା ପରେ "ମହମ୍ମଦ ପାହାଲଭି" ଯେ କି ଇରାନର ପାରମ୍ପରିକ ଶାସକ ବର୍ଗର (ଏହି ପାହାଲଭି ବଂଶ ଇରାନର ପ୍ରସିଦ୍ଧ ରାଜନ୍ୟ ବଂଶ ଯେଉଁମାନେ ପାଖାପାଖି ଅଢ଼େଇ ହଜାର ବର୍ଷ ଦେଶକୁ ଶାସନ କରିଛନ୍ତି) ତଥା ଆମେରିକା ଓ ଇଂଲଣ୍ଡର ସମର୍ଥକ ଥିଲେ ତାଙ୍କ ନେତୃତ୍ୱରେ ସେଠାରେ ସରକାର ପ୍ରତିଷ୍ଠିତ ହେଲା। କିନ୍ତୁ ମହମ୍ମଦ ପାହାଲଭିଙ୍କ ଭ୍ରଷ୍ଟାଚାର ଓ ବିଳାସ ବ୍ୟସନରେ ବ୍ୟଥିତ ହୋଇ ଏବଂ ତାଙ୍କୁ ଇସ୍‌ଲାମ୍ ବିରୋଧୀ ବୋଲି ଦର୍ଶାଇ ୧୯୭୯ ମସିହାରେ ଇରାନରେ ସଂଘଟିତ ହେଲା 'ଇସ୍‌ଲାମୀୟ' କ୍ରାନ୍ତି। ଏଥିରେ ମହମ୍ମଦ ପାହାଲଭିଙ୍କୁ ଶାସନ କ୍ଷମତାରୁ ହଟାଇ ମୁସଲମାନ ଧର୍ମଗୁରୁ "ରୁହୋଲ୍ଲା ଖାମିନୀ" ଦେଶର ଶାସନ କ୍ଷମତା ନିଜ ହାତକୁ ନେଲେ।

ଏହିଠାରୁ ହିଁ ଇରାନ୍‌ର ଆଧୁନିକ ରାଜନୀତି ଏକ ଭିନ୍ନ ଦିଗରେ ଗତି କଲା। ଇସଲାମୀୟ ମୌଳବାଦୀ ଧର୍ମଗୁରୁମାନେ ଦେଶର ଜନସାଧାରଣଙ୍କ ମନରେ ଇଂଲଣ୍ଡ, ଆମେରିକା ଓ ଇସ୍ରାଏଲ ପ୍ରତି ବିଦ୍ୱେଷ ଭାବ ସୃଷ୍ଟି କରାଇଲେ। ଦେଶର ପ୍ରଧାନ ସମ୍ବଳ ତୈଳ ଉପରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଲୋଲୁପ ଦୃଷ୍ଟି ରହିଛି ବୋଲି ଧାରଣା ଲୋକମାନଙ୍କ ମଧ୍ୟରେ ସୃଷ୍ଟି କରାଗଲା ଏବଂ ଏ ଧାରଣା କେତେକାଂଶରେ ସତ୍ୟ ମଧ୍ୟ ଥିଲା। ଆମେରିକାର ଲିବିୟା, ଇରାକ୍ ଉପରେ ଆକ୍ରମଣର ମୁଖ୍ୟ କାରଣ ତୈଳ ହିଁ ତ ଅଟେ। ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ଆଖି ଆଗରେ ରଖି ଇରାନ୍ ଆରମ୍ଭ କରିଥିଲା ଏହାର ବହୁ ଆକାଂକ୍ଷିତ ପରମାଣୁ କାର୍ଯ୍ୟକ୍ରମ। ଏହାକୁ ବିରୋଧ କରି ଆନ୍ତର୍ଜାତୀୟ ସମୁଦାୟ ଇରାନ ଉପରେ ଆର୍ଥିକ ଓ ନାନାବିଧ ଅନ୍ୟାନ୍ୟ କଟକଣା ମଧ୍ୟ ଜାରି କରିଥିଲେ। ୨୦୨୫ ମସିହା ଜୁନ ମାସରେ ଇସ୍ରାଏଲ ଓ ଆମେରିକାର ଇରାନ ଉପରେ ଆକ୍ରମଣର ମୁଖ୍ୟ କାରଣ ମଧ୍ୟ ଥିଲା ଏହି ଆଣବିକ ପ୍ରସଙ୍ଗ। ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଇରାନ୍, ଇସ୍ରାଏଲ ବିରୁଦ୍ଧରେ ଗାଜାର ହମାସ ଓ ଲେବାନନ୍‌ର ହେଜ୍‌ବୋଲ୍ଲାକୁ ସହାୟତା ପ୍ରଦାନ କରିବା।

ତେବେ ସମ୍ପ୍ରତିକ ସମୟରେ ଇରାନ ଓ ଆମେରିକାର ମୁହାଁମୁହିଁ ପରିସ୍ଥିତି କେବଳ ଦ୍ୱିପାକ୍ଷିକ ନୁହେଁ ବରଂ ଏହାର ପ୍ରଭାବ ପୂରା ବିଶ୍ୱ ଉପରେ ପଡ଼ିପାରେ। ଏହା ଯୋଗୁଁ ମଧ୍ୟପ୍ରାଚ୍ୟରେ ବଡ଼ ଧରଣର ଯୁଦ୍ଧ ହେବା ସଙ୍ଗେ ସଙ୍ଗେ ଅଶୋଧିତ ତୈଳର ଉତ୍ତୋଳନ ଓ ଏହାର ମୂଲ୍ୟ ମଧ୍ୟ ନିଶ୍ଚିତ ଭାବରେ ପ୍ରଭାବିତ ହେବ। ଏହା ମଧ୍ୟ ସାମ୍ପ୍ରଦାୟିକବାଦ, ଆତଙ୍କବାଦୀ ସମସ୍ୟା, ଶରଣାର୍ଥୀ ସଙ୍କଟ ଭଳି ବିଷମ ସମସ୍ୟା ସୃଷ୍ଟି କରିବ।

୧୯୭୯ର ଇସଲାମିକ୍ ଆନ୍ଦୋଳନ ପରେ ଗାଦିରେ ବସିଥିବା ଧର୍ମଗୁରୁମାନେ ରାଜନୀତି, ଧର୍ମୀୟ ଭାବନାକୁ ଶାସନ ଓ ପ୍ରତିରକ୍ଷା ସହିତ ମିଶାଇ ଦେଶରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରତିଷ୍ଠା କରିଛନ୍ତି। ଏହାକୁ ସୁରକ୍ଷା ହେଉଛି ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ (ଆଇ.ଆର୍.ଜି.ସି.)। ଏହା କେବଳ ଏକ ସୁରକ୍ଷା ବାହିନୀ ନୁହେଁ ବରଂ ଦେଶର ଆର୍ଥିକ, ସାମାଜିକ ଓ ରାଜନୈତିକ ଚିନ୍ତାଧାରାର କେନ୍ଦ୍ର ମଧ୍ୟ ଅଟେ। ପୁନଶ୍ଚ ଇରାନ୍‌ର ବର୍ତ୍ତମାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମିନୀଙ୍କର ପୂର୍ଣ୍ଣ ସମର୍ଥନ ଆଇ.ଆର.ଜି.ସି. ପଛରେ ଅଛି। ପୂର୍ବରୁ ଇରାନରେ ୨୦୦୯,୨୦୧୮,୨୦୧୯ ଏବଂ ୨୦୨୨ରେ ଶାସନତନ୍ତ୍ର ବିରୋଧୀ ଜନ ଆନ୍ଦୋଳନ ସଂଘଟିତ ହୋଇଯାଇଛି କିନ୍ତୁ ସବୁଥର ଏହି ଆନ୍ଦୋଳନ ବିଫଳ ହିଁ ସାବ୍ୟସ୍ତ ହୋଇଛି। ଏହାର ମୁଖ୍ୟ କାରଣ ଆଇ.ଆର୍.ଜି.ସି.ର ଶକ୍ତ ଭୂମିକା। ଏକାଧାରାରେ ସୀମାକୁ ସୁରକ୍ଷା ଦେଉଥିବା ଏକ ସୈନ୍ୟବାହିନୀ ସହିତ ଇସଲାମୀୟ ବିଚାରଧାରାକୁ ସମ୍ମାନ ଦେଉଥିବା ଏହା ଏକ ଅତିରକ୍ଷଣଶୀଳ ଦଳ ମଧ୍ୟ। ତେଣୁ କେବଳ ଶାସନ ବା ଦଳ ଭାବରେ ଚିନ୍ତା କରି, ବିରୋଧ ପ୍ରଦର୍ଶନ କରି ଇରାନର ବ୍ୟବସ୍ଥାକୁ ହଟାଇବା ଜନସାଧାରଣଙ୍କ ପକ୍ଷରେ କଷ୍ଟସାଧ୍ୟ।

କିନ୍ତୁ ୨୦୨୫ରେ ଦେଖାଦେଇଥିବା ଆନ୍ଦୋଳନଦ୍ୱାରା ଇରାନର ମୌଳବାଦୀ ସରକାର ଚାପରେ ନାହିଁ, ଏକଥା କହିବା ଠିକ୍ ହେବ ନାହିଁ। ଏହାର କାରଣ ହେଉଛି ଏହି ଆନ୍ଦୋଳନକୁ ସୃଷ୍ଟି କରିଥିବା "ଜେନ୍ ଜି" ଯୁବବର୍ଗ। ଦଶନ୍ଧି ଧରି ଅମେରିକା ଓ ଆନ୍ତର୍ଜାତିକ ସମୁଦାୟଦ୍ୱାରା ଇରାନ୍ ଉପରେ କଟକଣା ଲାଗିଆସିଛି। ଏହାର ଫଳସ୍ୱରୂପ ଦେଶରେ ତେଲର ରପ୍ତାନୀ, ବିଦେଶୀ ନିବେଶ ଆଦି ବହୁ ମାତ୍ରାରେ ହ୍ରାସ ପାଇଛି। ଖୁଚୁରା ମୁଦ୍ରାସ୍ଫୀତି, ଦରଦାମ ବର୍ତ୍ତମାନ ଆକାଶଛୁଆଁ। ଦେଶରେ ଭିତ୍ତିଭୂମିର ବିକାଶ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ହେବା ଫଳରେ ଏହା ଜନସାଧାରଣ ବିଶେଷ କରି ମଧ୍ୟମବର୍ଗଙ୍କୁ ହତାଶାରେ ପକାଇଛି। ଆନ୍ଦୋଳନର ନେତୃତ୍ୱ ନେଉଥିବା ଜେନ୍ ଜି ଗୋଷ୍ଠୀ ବା ଯୁବବର୍ଗ ହେଉଛନ୍ତି ଇରାନର ସମୁଦାୟ ଜନସଂଖ୍ୟାର ଏକ ବୃହତ୍ ଅଂଶ। ୧୯୭୯ ଆନ୍ଦୋଳନର ବହୁ ବର୍ଷ ପରେ ଏମାନଙ୍କର ଜନ୍ମ। ବର୍ତ୍ତମାନ ଦେଶର ପରିସ୍ଥିତି, ନିଜର ଶିକ୍ଷା, ଭବିଷ୍ୟତ ନିଯୁକ୍ତି ଆଦିକୁ ସେମାନେ ମୁଖ୍ୟ ପ୍ରସଙ୍ଗ ଭାବରେ ନେଉଛନ୍ତି। ସେମାନଙ୍କର ବାସ୍ତବବାଦୀ ଦାବି ସହିତ ଇରାନର ଧର୍ମଗୁରୁମାନଙ୍କର ସାମାଜିକ ଓ ଧାର୍ମିକ ସର୍ବସ୍ୱ ଚିନ୍ତାଧାରାର ସଂଘର୍ଷ ଘଟିବା ଫଳରେ ହିଁ ଦେଶର ଆଜି ଏହିଭଳି ଅବସ୍ଥା। ଜନସାଧାରଣଙ୍କର ମୁଖ୍ୟ ପ୍ରଶ୍ନ ଆଜି ଏହା ଯେ, ଆମେରିକା ଓ ଇସ୍ରାଏଲ ସହିତ ଦେଶର ଅନ୍ତହୀନ ଓ ଦିଶାହୀନ ଶତ୍ରୁତାରେ ସେମାନଙ୍କର ସ୍ୱାର୍ଥ ବା କଣ?

ଇତି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇରାନ୍ ସହିତ ଆର୍ଥିକ କାରବାର କରୁଥିବା ଦେଶମାନଙ୍କ ଉପରେ ପଚିଶ ପ୍ରତିଶତ ଟାରିଫ ଲଗାଇବାକୁ ଧମକ ଦେଇଛନ୍ତି। ଟ୍ରମ୍ପଙ୍କ ସୈନ୍ୟ କାରବାର ମଧ୍ୟପ୍ରାଚ୍ୟକୁ ନେଇ ଯୁଦ୍ଧ ମୁହଁରେ ଠିଆ କଲାଣି।

କିନ୍ତୁ ଇତିହାସର ଘଟଣାବଳୀକୁ ଅନୁଶୀଳନ କଲେ ଆମେ ଜାଣିପାରିବା ଯେ ବାହ୍ୟ ଆକ୍ରମଣ କରି ଇରାନ୍‌ରେ କ୍ଷମତା ପରିବର୍ତ୍ତନ କରିବା କେବେ ବି ସଫଳ ହୋଇନାହିଁ। ୧୯୫୩ ମସିହାରେ ଆମେରିକା ଓ ଇଂଲଣ୍ଡର ସହଯୋଗରେ ଦେଶରେ ସଂଘଟିତ ହୋଇଥିବା ବିଦ୍ରୋହ ଆଜି ମଧ୍ୟ ଦେଶର ଜନସାଧାରଣଙ୍କୁ ଜାତୀୟତା ଭାବର ପ୍ରେରଣା ଦେଇଥାଏ। ୧୯୭୯ ମସିହାରେ ବିତାଡ଼ିତ ହୋଇଥିବା ମହମ୍ମଦ ପାହାଲଭିଙ୍କ ପୁତ୍ର ରେଜା ପାହାଲଭି ବର୍ତ୍ତମାନ ଆନ୍ତର୍ଜାତିକ ସମୁଦାୟଙ୍କୁ ଇରାନ ପରିସ୍ଥିତିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। କିନ୍ତୁ ଦେଶ ବାହାରେ ଥିବା ନେତୃତ୍ୱ କେବେ ବି ଇରାନର ଜନସାଧାରଣଙ୍କର ବିଶ୍ୱାସ ଭାଜନ ହୋଇପାରିନାହିଁ। ପୁନଶ୍ଚ ଇରାନ ଭେନେଜୁଏଲା ନୁହେଁ। ଏହାର ଏକ ଦୃଢ଼ ସାମାଜିକ, ରାଜନୈତିକ ଓ ଧାର୍ମିକ ପରମ୍ପରା ଏହାର ଶାସନତନ୍ତ୍ର ସହିତ ସଂଶ୍ଳିଷ୍ଟ ହୋଇ ରହିଛି। ପଡ଼ୋଶୀ ଦେଶ ଯେପରିକି ସିରିଆ, ଲେବାନନ, ସାଉଦି ଆରବ ଉପରେ ମଧ୍ୟ ଏହାର ଏକ ଭାବଗତ ପ୍ରଭାବ ରହିଆସିଛି। ତେଣୁ କୌଣସି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେଲେ ସମଗ୍ର ପଶ୍ଚିମ ଏସିଆ ଯେ ଅଶାନ୍ତ ହେବ ଏଥିରେ ସନ୍ଦେହ ନାହିଁ।

ପରିଶେଷରେ ଏ ଆନ୍ଦୋଳନର କର୍ତ୍ତା ଓ ଏହାର ଭବିଷ୍ୟତର ହକ୍‌ଦାର ଇରାନ୍‌ର ଜନସାଧାରଣ, କାରଣ ଦେଶର କୋଟି କୋଟି ନରନାରୀ ଖାଦ୍ୟ, ବସ୍ତ୍ର, ବାସଗୃହ, ଔଷଧ ଆଦି ମୌଳିକ ସୁବିଧା ପାଉନଥିବା ବେଳେ, ନେତାମାନେ ଆନ୍ତର୍ଜାତିକ ସ୍ତରରେ ବୈଚାରିକ ଯୁଦ୍ଧ ଲଢ଼ିବା କେତେଦୂର ପ୍ରୟୋଜନ ତାହା ପାଠକମାନେ ବିଚାର କରନ୍ତୁ।


+ ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
(ମୋ) ୮୧୪୪୦୪୨୯୯୭


## ଏକ ଅସଜଡ଼ା ରାଜ୍ୟର କାହାଣୀ



ରାଜ୍ୟର ରାଜା କୌତୁହଳ ବଶତଃ ଏକାକି ଶିକାରକୁ ବାହାରିଲେ। ତାଙ୍କର ନିଜ ଶକ୍ତି, ସାମର୍ଥ୍ୟ ଏବଂ ଧନୁର୍ବିଦ୍ୟା ଉପରେ ଥିଲା ଅତୁଟ ଭରଷା ଏବଂ ଗର୍ବ। ସିଏ ପାତ୍ରମନ୍ତ୍ରୀ ତଥା ରାଣୀଙ୍କୁ କହିଲେ ମୋତେ ରାଜ୍ୟ ଶାସନରୁ ବିଶ୍ରାମ ଦରକାର। ମୁଁ କିଛିଦିନ ପାଇଁ ଏକାକୀ ଯାଉଛି ମୋ ଗୁରୁଙ୍କ ସହିତ ଆଧ୍ୟାତ୍ମିକ ଆଲୋଚ୍ନାରେ ସମୟ ବିତାଇ ମନକୁ ଟିକିଏ ହାଲୁକା କରି ଫେରି ଆସିବି। ମୋ ଅନୁପସ୍ଥିତିରେ ରାଣୀଙ୍କ ଆଦେଶରେ ରାଜ୍ୟ ଶାସନ ଚାଲିବ କିନ୍ତୁ ଏକଥା ଅତ୍ୟନ୍ତ ଗୋପନ ରହିବା ଦରକାର ନହେଲେ ପଡୋଶୀ ରାଜାମାନଙ୍କର ଲୋଲୁପ ଦୃଷ୍ଟି ଆମ ରାଜ୍ୟ ଉପରେ ପଡ଼ିବାର ସମ୍ଭାବନା ରହିଛି। ପଶୁ ଶିକାର ଏବଂ ଆଧ୍ୟାତ୍ମିକ ଚ଼ିନ୍ତାଚ଼େତନା ଦୁଇଟି ଭିନ୍ନ ଦିଗନ୍ତ ହୋଇଥିଲେ ମଧ୍ୟ ରାଜା ତାଙ୍କ ଚ଼ିରାଚ଼ରିତ ଧାରାରେ ନିଜର ଅସଲ ଉଦ୍ଦେଶ୍ୟକୁ ଅପ୍ରକାଶ୍ୟ ରଖି ନିଜ ବେଶ ବଦଳାଇ ଅଶ୍ୱଚାଳନା କରି ରାଜଉଆସରୁ ବାହାରିଗଲେ।

ଧିରେଧିରେ ସିଏ ଜନପଦ ଠାରୁ ଦୂରକୁ ଦୂରକୁ ଅଗ୍ରସର ହେଲେ। ତଥାପି ଯେଉଁସବୁ ଜଙ୍ଗଲରେ ସିଏ ଶିକାର କରିବା ପାଇଁ ମନସ୍ଥ କରିଥିଲେ ସେ ସବୁ କାହିଁ? ବାହାରୁ ଘଞ୍ଚ ଜଙ୍ଗଲ ଦେଖାଯାଉଥିବା ଅଂଚଳ ଭିତରକୁ ପ୍ରବେଶ କରିବାର କିଛି ବାଟ ଗଲା ପରେ ସେଗୁଡ଼ିକ କେବଳ କିଛି ବୁଦା, ଘାସ ତଥା କଣ୍ଟା ଗଛ ପରିପୂର୍ଣ୍ଣ ଥିଲା। ବାଘ, ସିଂହ, ଭାଲୁଙ୍କର ଗର୍ଜନ ଦୂରରେ ଥାଉ ସାମାନ୍ୟ ମିରିଗ, ହରିଣ, କୁଟୁରା, ଠେକୁଆ, ବାର୍‌ହାଟିଏ ଦେଖିବାକୁ ମିଳୁ ନାହାଁନ୍ତି। ରାଜା ଆଶ୍ଚର୍ଯ୍ୟ ଚ଼କିତ ହେଉଥାଆନ୍ତି ତାହେଲେ ପାତ୍ରମନ୍ତ୍ରୀମାନେ ତାଙ୍କୁ ଯେଉଁ ଖବର ଦେଉଥିଲେ ସେଗୁଡ଼ିକ କ'ଣ ମିଥ୍ୟା ତଥ୍ୟ ଆଧାରିତ ଥିଲା? ସେମାନେ କୁହନ୍ତି ଆମ ରାଜ୍ୟ ସୀମାରେ ରହିଥିବା ଜଙ୍ଗଲ ମାନଙ୍କରେ ଏତେ ବାଘ, ସିଂହ, ଭାଲୁ ଅଛନ୍ତି ଯେ ଯଦି କୌଣସି ବାହ୍ୟ ଆକ୍ରମଣ ହୁଏ ତାହେଲେ ପ୍ରଥମେ ସେମାନେ ଶତ୍ରୁମାନଙ୍କୁ ପରାହତ କରିବେ। ତା'ଛଡା ପ୍ରତିଦିନ ରାଜ୍ୟରେ ଥିବା ଜଙ୍ଗଲରେ ବାଘ, ଭାଲୁ, ହାତୀମାନଙ୍କ ଆକ୍ରମଣରୁ ମୃତ୍ୟୁବରଣ କରୁଥିବା ଲୋକମାନଙ୍କୁ କ୍ଷତିପୂରଣ ଦେବାପାଇଁ ରାଜକୋଷରୁ ଅମାପ ଅର୍ଥ ଖର୍ଚ୍ଚ ହେଉଛି। ତା'ର ପ୍ରଥମ କାରଣ ତ ଜଙ୍ଗଲ ଧ୍ୱଂସ। ସେ ସବୁ କଥା ଆଲୋଚ଼ନା ନକରି ଖାଲି ବୃକ୍ଷରୋପଣ ପାଇଁ ଅର୍ଥ ଖର୍ଚ୍ଚ ହୁଏ।

ବୃକ୍ଷରୋପଣ କେଉଁଠି ଓ କେମିତି ହୋଇଛି ତା' ଉପରେ ନଜର ପକାଇବା ପାଇଁ ମନ ହେବାରୁ ରାଜା ଆଗକୁ ଆଗକୁ ଅଶ୍ୱଚାଳନା କରୁଥାଆନ୍ତି। ଏ ଭିତରେ ସିଏ କେମିତି ରାଜ୍ୟର ସୀମାବର୍ତ୍ତୀ ଅଂଚଳରେ ପହଞ୍ଚି ଗଲେଣି ତାହା ତାଙ୍କୁ ଜଣା ନଥିଲା। ଜଙ୍ଗଲ ମଧ୍ୟରେ ପୁରା ଫାଙ୍କା ଜାଗାରେ ହୋଇଥିବା ଗଞ୍ଜେଇ ଚାଷକୁ ଦେଖି ରାଜା ମନେ ମନେ କ୍ରୋଧିତ ହେଉଥିଲେ ମଧ୍ୟ ଭାବନାକୁ ଚାପି ରଖି ବୁଲୁଥିବା ବେଳେ ହଠାତ୍ ଦଳେ ଲୋକ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ଆରମ୍ଭ କଲେ। ନିଜ ରାଜ୍ୟ ମଧ୍ୟରେ ସିଏ ଏ ପ୍ରକାର ଆକ୍ରମଣକୁ ସାମ୍ନା କରିବେ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ।

ତା'ପରେ କ'ଣ ଘଟିଲା ରାଜାଙ୍କର ଆଉ କିଛି ମନେ ନଥିଲା। ଚେତା ଫେରିବା ବେଳକୁ ଦେଖିଲେ ତାଙ୍କୁ ଜଣେ ବୁଢ଼ୀ ଲୋକ ଆଉଁସୁଛନ୍ତି। ତାଙ୍କର ପରିଚ଼ୟ ପଚାରିବାରୁ ସିଏ କହିଲେ ମୋର ଆଗକୁ କେହି ନାହିଁ କି ପଛକୁ କେହି ନାହିଁ। ମୁଁ ନିରାଶ୍ରୀ ବୁଢ଼ୀ। ପାଖ ଜଙ୍ଗଲରୁ ଯାହାକିଛି ମିଳେ ଚ଼ଳିଯାଏ। କେହି କେମିତି ଏ ଅଂଚଳକୁ ଆସିଲେ ଦୟା କରି କିଛି ଦେଇଯାଆନ୍ତି। ସେତିକି ମୋର ସମ୍ବଳ। ରାଜା ପଚାରିଲେ ଆମ ରାଜ୍ୟରେ ସମସ୍ତ ଗରୀବ, ନିରଶ୍ରୟ, ବିଧବାମାନଙ୍କୁ ଚାଉଳ ଦେବା ପାଇଁ ନିର୍ଦ୍ଦେଶନାମା ଅଛି। ତା'ଛଡା ସମସ୍ତ ଗରୀବଙ୍କୁ ଅନ୍ତତଃ ଭଲ ଘର ଦିଆଯିବାର ବ୍ୟବସ୍ଥା ରହିଛି। ତୁମେ କ'ଣ ସେଥିପାଇଁ କାହାକୁ କିଛି କହିନାହଁ? ଆମ ରାଜ ଦରବାରରେ ରାଜା ତ' ପୁଣି ଦୁଃଖି ଦରିଦ୍ରଙ୍କ କଥା ବୁଝିବା ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରଛନ୍ତି। ପ୍ରତ୍ୟେକ ନଗରରେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ପ୍ରତିନିଧି ରହିଛନ୍ତି। ତୁମେ କାହିଁକି କାହାକୁ ନିଜର ଦୁଃଖ ଜଣାଇ ନାହଁ? ବୁଢ଼ୀ ଲୋକଟି କହିଲା ଦେଖ ବାବା! ଆମ ରାଜା ବହୁତ ଭଲ ଲୋକ ବୋଲି ଆମେ ସମସ୍ତେ ଜାଣୁ କିନ୍ତୁ ତାଙ୍କ ପାଖରେ ଆମ ଭଳି ଗରିବ, ନିରାଶ୍ରୟା, ମଳିମୁଣ୍ଡିଆ ଲୋକ ପହଞ୍ଚି ପାରିଲେ ହେଲା। ସେଥିପାଇଁ ମଧ୍ୟ କେତେ କଟକଣା ଆଉ ତାଗିଦ୍। ଯଦି ଆମ କଥା ରାଜା ଜାଣିଦେବେ ସେମାନଙ୍କର ଚାକିରୀ କୁଆଡ଼େ ଚାଲିଯିବ। ଦ୍ୱିତୀୟ କଥା ହେଲା ଜନପଦ, ନଗର ବା ଆଂଚ଼ଳିକ ସ୍ତରରେ ହୋଇଥିବା ଗୁହାରୀ ଶୁଣିବା କେନ୍ଦ୍ର ଅଧିକାଂଶ ସମୟରେ ବନ୍ଦ ଥାଏ। ତେଲିଆ ମୁଣ୍ଡରେ ତେଲ ଆଉ ଆମ ଭଳି ନୁଖୁରା ମୁଣ୍ଡିଆ ମାନଙ୍କର ଅବସ୍ଥା ତଦୃପ ନୁଖୁରା। ଆମ ରାଜା ଅଧିକାଂଶ ସମୟରେ ବ୍ୟସ୍ତ। ତେଣୁ ସିଏ ସମସ୍ତ ପ୍ରଜାଙ୍କର ଦୁଃଖ ଶୁଣିବା ପାଇଁ ସମୟ ପାଇବେ କେଉଁଠୁ? ଆମେ ହେଲୁ ସୀମାନ୍ତବର୍ତ୍ତୀ ଅଂଚ଼ଳର ଲୋକ, ଆମେ କାହାର ହୋଇପାରୁନୁ। ନା' ଆମେ ଆମ ରାଜ୍ୟର ନା' ଆମେ ଆମ ପଡ଼ୋଶୀ ରାଜ୍ୟର! ଆମ ଭାଷା, ଘରଦ୍ୱାର, ଜାଗାବାଡି, ଜାତି ସବୁର ଦୁଇ ଦୁଇଟି ପରିଚ଼ୟ। ମୁଁ ଆଉ କେତେଦିନ ବଞ୍ଚିବି ଯେ ଏତେ କଥା ଚିନ୍ତା କରିବି। ଖାଲି ଗୋଟିଏ ଦୁଃଖ, ଆମ ରାଜା ନିଜେ ଟିକେ ସବୁ କଥା ଉପରେ ନଜର ରଖନ୍ତେ କି? କେବଳ ପରାମର୍ଶଦାତାମାନଙ୍କ ଉପରେ ଭରଷା କଲେ କ'ଣ ଚଳିବ। ହେଇ ଦେଖୁନାହାନ୍ତି! ଉପଯୁକ୍ତ ସୁରକ୍ଷା ଅଭାବରୁ ଆମ ପାହାଡ଼-ଜଙ୍ଗଲ ଭୂଲୁଣ୍ଠିତ ଆଉ ସେଠାରେ ଅସମାଜିକ ଲୋକମାନଙ୍କର ଆଡ୍ଡା ଜମୁଛି। ସେଥିପ୍ରତି କାହାରି ନିଘା ନାହିଁ। ଆମ ଅଂଚଳ କୁଆଡ଼େ ସାବତ ପୁଅ ଏମିତି ହେଲେ କ'ଣ ରାଜ୍ୟର ଏକତା ରହିବ? ବୁଢ଼ୀ ମୁହଁରୁ ଏତେସବୁ କଥା ଶୁଣିସାରି ରାଜାଙ୍କ ଆଖିରୁ ଲୁହର ଧାରା ବହି ଚାଲିଲା। ତାଙ୍କ ସ୍ୱପ୍ନର ରାଜ୍ୟ ଯେ ଅସଜଡ଼ା ହୋଇ ସାରିଛି ଆଉ ଅଭିଯୋଗ ଶୁଣାଣୀ ଫେଲ୍ ମାରିଛି ତାହା ତାଙ୍କର ବୁଝିବାକୁ ବାକି ନଥିଲା।


+ ଅର୍ଣ୍ଣପାଳ, ଭଦ୍ରକ
(ମୋ) ୯୭୭୮୭୬୪୩୯୪





### ଦେଖି ତୁମ ସୁନ୍ଦରତା

**ପ୍ରଶାନ୍ତ କୁମାର ନାୟକ**

ବିବେକହୀନା ତୁମେ କି ପ୍ରେମ କରିବ
ଭାବେ ଏହା ମୋର ଛାତି ,
ହେଲେ ମନ ଉଡେ ପବନ ବେଗରେ
ମାନେ ନାହିଁ ଦିନ ରାତି ।।

ସରମି ଲତାଟେ ଭଳି ତୁମେ ସିନା
ଲାଜରେ ମୁରୁକି ହସ ,
ଚନ୍ଦ୍ରମା ପଡ଼ିବ ଫିକା ତୁମ ଆଗେ
ଦେଖି ତୁମ ରୂପ ବେଶ ।।

ରହିଅଛି ସାକ୍ଷୀ ଇତିହାସ ଆଜି
ପ୍ରେମ କରେ ଟିକେ ଦୁଷ୍ଟ ,
କୃଷ୍ଣଙ୍କ ପ୍ରେମରେ ପାଗେଳି ରାଧିକା
ପାଇଅଛି କେତେ କଷ୍ଟ ।।

ମୁଁ ଛାର୍ ମଣିଷଟେ ମନ ବିଚଳିତ
ଦେଖି ତୁମ ସୁନ୍ଦରତା ,
ହେଲେ ଶରୀରଠୁ ଆହୁରି ମଧୁର
ଲାଗେ ତୁମ ପବିତ୍ରତା ।।

ତୁମରି ମନ ଓ ତୁମ ଶରୀର
ଦେଇଛ ମୋ ନାମେ ଲେଖି ,
ହେଲେ ସତକଥା ସବୁଠୁ ସୁନ୍ଦର
ଲାଗେ ମୋତେ ତୁମ ଆଖି ।


+ ୟୁନିଟ୍- ୦୫, ଭୁବନେଶ୍ୱର
(ମୋ) ୮୨୪୯୬୫୦୪୧୪




# ବନିତାର ବଡପଣ

## ଶୁଭନାରାୟଣ ଶତପଥୀ

ପରିବାର କହିଲେ ବନିତା ଓ ତାର ମାଆ । ବନିତା ଯେତେବେଳେ ତିନି ବର୍ଷର ହୋଇଥିଲା ତାର ବାପା ସଡକ ଦୁର୍ଘଟଣାରେ ଚାଲିଗଲେ । ମାଆ ଓ ଝିଅ ଉଭୟ ଗାଁକୁ ଫେରିଲେ କାରଣ ବାପା ରହୁଥିବା ସହରରେ ଘରଭଡା ଦେଇ ଚଳିବାର ସୁବିଧା ନଥିଲା । ନିପଟ ମଫସଲ ହୋଇଥିବାରୁ ସେଠାରେ ଗମନାଗମନ, ଶିକ୍ଷା, ମନୋରଞ୍ଜନର ସୁବିଧା ନଥିଲା । ତଥାପି କୌଣସି ଉପାୟ ନପାଇ ଗାଁରେ ରହିଲେ । କିଛିଦିନ ପରେ ଗାଁ ପାଖ ବିଦ୍ୟାଳୟରେ ବନିତାର ନାଁ ଲେଖାଇଲେ ତାର ମାଆ । ସତେବେଳେ ଗାଁରୁ ସୀତା ଓ ଗୀତା ପାଠ ପଢିବାକୁ ଯାଉଥିଲେ । ସେମାନଙ୍କ ସହିତ ବନିତା ବି ଗଲା ବିଦ୍ୟାଳୟକୁ ।

ଦିନପରେ ଦିନ ଗଡି ଚାଲିଲା । ବନିତା ବଡ ହେଉଥାଏ । ପାଠ ଓ ଶ୍ରେଣୀ ବି ବଢୁଥାଏ । ସାଙ୍ଗମାନଙ୍କ ସହିତ ମଉଜମଜଲିସ କରି ବିଦ୍ୟାଳୟକୁ ସବୁଦିନ ଯାଉଥାଏ । ସୀତା ଓ ଗୀତାର କିଶୋରୀ ଅବସ୍ଥାରେ ବିଦ୍ୟାଳୟଯିବାକୁ ବାରଣ କଲେ ତାର ବାପାମାଆ । ବନିତା ବୁଝିବାରୁ ଜଣିଲା ଯେ ତାଙ୍କ ବାପାମାଆ ପାଠ ପଢିବାକୁ ମନା କରୁଛନ୍ତି । ବନିତା ତାର ମାଆଙ୍କୁ ଏହି କଥା କହିଲା । ମାଆଙ୍କ ଚିନ୍ତା ପଶିଲା । ସେ ଭାବିଲେ ଏବେ ବନିତା ଏକାକୀ କେମିତି ବିଦ୍ୟାଳୟ ଯିବ । ବନିତାର ମାଆ ସୀତା ଓ ଗୀତାର ମାଆଙ୍କ ସହିତ କଥାବାର୍ତା ହେଲେ । ସେମାନଙ୍କୁ ବିଦ୍ୟାଳୟରେ ପଢିବାକୁ ଯିବାକୁ ଯେତେ ବୁଝାଇଲେ ସେମାନେ ରାଜି ହେଲେ ନାହିଁ । ଏକଥା ବନିତା ଜଣିଲା । ବନିତା ପଚାରିଲା ମାଆ ମୁଁ କାଲି ବିଦ୍ୟାଳୟ କେମିତି ଯିବି ? କିଛି ସମୟପରେ ବନିତା କହିଲା ମାଆ ତୋ ମୋବାଇଲ ଫୋନଟା ଦେଲୁ । ବନିତା କଣ ସବୁ କାହା ସହ କଥାବାର୍ତା ହେଲା । ମାଆ ଜଣିପାରିଲେ ନାହିଁ । ତାପର ଦିନ୧୦ଟା ବେଳକୁ ବିଦ୍ୟାଳୟକୁ ଯିବାକୁ ବାହାରୁଥିବା ବେଳେ ଦୁଆର ମୁହଁରେ ସୀତା ଓ ଗୀତାର ଡାକ ଶୁଭିଲା । ସେମାନେ କେତେ ଖୁସି ଥିଲେ । କହୁଥିଲେ ଆ ବନିତା ବିଦ୍ୟାଳୟ ଯିବା । ବନିତା ହସୁଥିଲା ଆଉ ମାଆ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ । ସେ ଦିନଠାରୁ ସେମାନେ ତିନି ସାଙ୍ଗ ପାଠ ପଢିଲେ ଆଉ କେବେ ବିଦ୍ୟାଳୟ ବନ୍ଦ କରିନାହାଁନ୍ତି । ଝିଅ ବୋଲି ମ୍ୟାଟ୍ରିକ ପରେ ସେମାନଙ୍କୁ ସରକାରୀ ବୌଷୟିକ ଶିକ୍ଷା ମାଗଣାରେ ମିଳିଲା । ଆଉ ତାପରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ତିନିଜଣ ଚାକିରି ବି କଲେ । ପ୍ରଥମ ମାସର ଦରମା ଆଣି ସେମାନଙ୍କ ମାଆବାପାଙ୍କୁ ଦେଲେ । ସେମାନେ ଝିଅମାନଙ୍କ ସଫଳତା ଦେଖି ଖୁସିରେ କାନ୍ଦି ପକାଇଲେ । ଗୀତା ଓ ସୀତାର ବାପାମାଆ କହୁଥିଲେ ସେହି ଶିଶୁ ସୁରକ୍ଷା କର୍ମୀମାନଙ୍କ ପାଇଁ ହିଁ ଆମ ଝିଅମାନେ ବିଦ୍ୟାଳୟ ଗଲେ । ଆଉ ସଫଳତା ପାଇଲେ । ସୀତା ଓ ଗୀତା କାହିଲେ ବୁଝିଲୁ ବୋଉ ଏଇ ବନୀତା ହିଁ ଆମ ସଫଳତାର କାରଣ । ସେଦିନ ବନିତାର ମାଆ ବୁଝାଇ ଅସଫଳ ହେବାପରେ ବନିତା ଚାଇଲ୍ଡ ହେଲ୍ପଲାଇନକୁ ଫୋନ କରିଦେଇଥିଲା । ଆଉ ସେମାନେ ବିଦ୍ୟାଳୟର ଶିକ୍ଷକ, ଥାନାବାବୁଙ୍କ ସହ ଆସିଥିଲେ । ସେମାନେ ଭାବୁଥିଲେ ଯେ ଆମର ବାଲ୍ୟବିବାହ ହେବବୋଲି । ସେମାନେ ବାପାମାଆଙ୍କଠାରୁ ଲେଖାଇନେଲେ ଯେ ୧୮ ବର୍ଷ ପର୍ଯ୍ୟନ୍ତ ଝିଅମାନେ ପାଠ ନିଶ୍ଚୟ ପଢିବେ । ସେମାନେ ବନିତାର ପରିଚୟ ଗୋପନ ରଖିଥିଲେ । ହଷ୍ଟେଲରେ ରହି ପଢିବାବେଳେ ବନୀତା ଆମକୁ ଏକଥା କହିଥିଲା ବୋଲି କହିଲେ ସୀତା ଓ ଗୀତା । ଏହା ଶୁଣି ବନୀତାର ମୁଣ୍ଡ ଆଉଁସି ଦେଲେ ସୀତା ଓ ଗୀତାର ମାଆ । ବନୀତାର ମାଆ ଖୁସିରେ ଆତ୍ମହରା ହେଉଥିଲେ ।

+ ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୩୮୪୩୨୦୨୩

# ଚିନ୍ଟୁର ସାହସ

## ପବିତ୍ର ବେହେରା

ଜଙ୍ଗଲର ମଝିରେ, ଉଚ୍ଚ ଶାଳ ଗଛ ଓ ଏକ ଛୋଟ ନଦୀ ପାଖରେ, ଏକ ଛୋଟ ହରିଣ ରହୁଥିଲା ତା'ର ନାମ ଚିନ୍ଟୁ। ଚିନ୍ଟୁ ଦୟାଳୁ ଓ ନମ୍ର, ଭଦ୍ର ଥିଲା, କିନ୍ତୁ ବହୁତ ଲଜ୍ଜାଳୁ। ସେ ପ୍ରାୟ ସମୟରେ ଦୂରରୁ ଅନ୍ୟ ପଶୁମାନଙ୍କୁ ଦେଖୁଥିଲା।

ବଡ଼ ହାତୀ ଶକ୍ତିଶାଳୀ ଓ ବୁଦ୍ଧିମାନ ଥିଲା। ରାଣୀ ବାଘୁଣୀ ଗର୍ବର ସହିତ ଜଙ୍ଗଲରେ ଘୁରୁଥିଲା। ମାଙ୍କଡ ନିର୍ଭୟରେ ଗଛରୁ ଗଛକୁ ଡେଇଁ ଡେଇଁ ଖେଳୁଥିଲା। ଭଲ୍ଲୁକ, କାଉ, ବଗ, ସାରସ, କଜଳପାତି, ଶାଗୁଣା, ଅହିରାଜ ସର୍ପ ଚିନ୍ଟୁ ସମସ୍ତଙ୍କୁ ପସନ୍ଦ କରୁଥିଲା, କିନ୍ତୁ ମନେମନେ ଭାବୁଥିଲା "ମୁଁ ଛୋଟ ଛୁଆଟେ, ମୁଁ କଣ ବିଶେଷ କରିପାରିବି ?"

ପ୍ରତି ରାତିରେ, ଚିନ୍ଟୁ ତାଙ୍କ ମା' ପାଖରେ ଖୋଲା ଆକାଶ ତଳେ ଶୋଉଥିଲା। ଝିଙ୍କାରି ପୋକର ଗୀତ, ପେଚାର ଡାକ ଓ ପତ୍ରମାନଙ୍କର ସରସରାହଟ ଶୁଣୁଥିଲା। ଜହ୍ନ ଆକାଶରେ ହସୁଥିଲା।

ଗ୍ରୀଷ୍ମ ଦିନ ଆସିଲା। ନଦୀ ଧୀରେ ଧୀରେ ଶୁଖିବାକୁ ଲାଗିଲା। ପଶୁମାନେ ଚିନ୍ତାରେ ପଡିଲେ , କ'ଣ କରିବେ ! ?

ଗୋଟେ ରାତିରେ, ଚିନ୍ଟୁ କିଛି ଶବ୍ଦ ଶୁଣିଲା - ଟପ୍...ଟପ୍... ସେ ଧୀରେ ଧୀରେ ଶବ୍ଦଟିକୁ ଅନୁସରଣ କରି ଘନ ଝାଡ଼ି ପଛରେ ଏକ ଛୋଟ ଲୁଚିଥିବା ପାଣିର ଝରଣା ଖୋଜି ପାଇଲା।

ଚିନ୍ଟୁର ହୃଦୟ ଜୋରେ ଧକ୍ ଧକ୍ ହେବାକୁ ଲାଗିଲା। "ଯଦି କେହି ମୋ କଥା ଶୁଣିବେ ନାହିଁ ?" ସେ ଭାବିଲା।

ତେବେ ସେ ମା'ଙ୍କ କଥା ମନେ ପକାଇଲା – "ସାହସୀ ହେବା ମାନେ ଉଚ୍ଚ ସ୍ୱରରେ କଥା କହିବା ନୁହେଁ, ସଠିକ୍ କାମ କରିବା।"

କମ୍ପିଥିବା ପାଦ କିନ୍ତୁ ଦୃଢ଼ ମନ ସହିତ, ଚିନ୍ଟୁ ହାତୀଙ୍କ ପାଖକୁ ଗଲା। "ମୁଁ...ମୁଁ ପାଣି ଖୋଜିଛି," ଚିନ୍ଟୁ ଧୀରେ କହିଲା।

ହାତୀ ଧ୍ୟାନଦେଇ ଶୁଣିଲା। "ମୋତେ ଦେଖାଅ।"

ଶୀଘ୍ର ବାଘ, ମାଙ୍କଡ, ମୟୂର ଓ ଛୋଟ ଠେକୁଆ ମାନେ ଚିନ୍ଟୁଙ୍କ ପଛେ ପଛେ ଚାଲିଲେ। ଚିନ୍ଟୁ ସମସ୍ତଙ୍କୁ ଝାଡ଼ି ମାଧ୍ୟମରେ ସେଇ ଝରଣା ପାଖକୁ ନେଲା।

ସମସ୍ତେ ଖୁସିରେ ଆଶ୍ଚର୍ଯ୍ୟ ହେଲେ।

"ତୁମେ ଆମକୁ ବଞ୍ଚାଇଦେଲ ଚିନ୍ଟୁ!" ପଶୁମାନେ କହିଲେ।

ରାଣୀ ବାଘ ଆଦରର ସହିତ ମୁଣ୍ଡ ଆଉଁସି ସାବାସୀ ଦେଲେ। "ନିରବ ହୃଦୟରେ ମଧ୍ୟ ସତ୍ୟ ସାହସ ଥାଏ।"

ସେ ରାତିରେ, ଜଙ୍ଗଲ ଶାନ୍ତିରେ ଶୋଇଗଲା।

ତାରାମଣ୍ଡଳ ତଳେ ଶୋଇଥିବା ଚିନ୍ଟୁ ମନେମନେ ବୁଝିଲା, ବଡ଼ କିମ୍ବା ଉଚ୍ଚ ସ୍ୱର ନ ହେଲେ ମଧ୍ୟ, ପରିବର୍ତ୍ତନ ଆଣିହେବ।

"ପ୍ରତ୍ୟେକ ଶିଶୁର ମନରେ ଶକ୍ତି ଅଛି। ନିଜ ହୃଦୟରେ ବିଶ୍ୱାସ ରଖ। ତୁମ ସାହସ ତୁମକୁ ପଥ ଦେଖାଇବ।"

ଏହା ଭାବି, ଚିନ୍ଟୁ ମିଠା ସ୍ୱପ୍ନରେ ବୁଡିଗଲା ।

ନୀତି: ନିଜ ଉପରେ ବିଶ୍ୱାସ ରଖ।
ଛୋଟ ପଦକ୍ଷେପ ମଧ୍ୟ ବଡ଼ ପରିବର୍ତ୍ତନ ଆଣିପାରେ।



# ପତାକା ଗାଉଛି ଜାତୀୟ ସଂଗୀତ

## ଧ୍ରୁବ ଚରଣ ଘିବେଲା

ସର୍ବସାଧାରଣ ସ୍ଥାନରେ ଉଡ଼ିକି
ଗାଏ ସେ ଜାତୀୟ ସଂଗୀତ
ଆକାଶ ଆଡ଼କୁ ମୁଣ୍ଡ ଟେକି ଗାଏ
ହରଷେ ଜାତୀୟ ନେତ ।

ପତାକା ଗାଉଛି ଜାତୀୟ ସଂଗୀତ
କେତେ ଆନନ୍ଦରେ ଉଡ଼ି
ସଦର୍ପେ କହେ ସେ ଜାତି କଥା ଗାଥା
ପବନ ସାଥିରେ ଉଡ଼ି ।

ପତାକା ଭଳିଆ ମୁଣ୍ଡ ଟେକି ଆମେ
ଗାଇବାଟି ଜନଗଣ
ଜନ ଗଣ ମନ ଜାତୀୟ ସଂଗୀତ
ରଖିବା ତାଆରି ମାନ ।

ପରାଧୀନ କାଳେ କେତେ ପ୍ରାଣ ଦେଲେ
ଗାଇ ଜାତୀୟ ସଂଗୀତ
ଜାତୀୟ ଦିବସେ ପତାକା ଉଡ଼େଇ
ଗାଇବା ଜାତୀୟ ଗୀତ ।

ଆଜି ଜନରାଜ୍ୟ ଦିବସ ଆସିଛି
(ଜାତୀୟ)ପତାକାକୁ ଉଡ଼ାଇବା
ସେ ପତାକା ତଳେ ରୁଣ୍ଡ ହୋଇ ସର୍ବେ
ସନମାନ ଜଣାଇବା ।

ଜାନୁଆରୀ ମାସ ଛବିଶତାରିଖ
ଏ ମାସ ସେ ତାରିଖରେ
ଲାଗୁ ହେଲା ଆମ ଆଇନର ଗ୍ରନ୍ଥ
ସମ୍ବିଧାନ ସେ ଦିନରେ ।

ସେ ଦିନ ସ୍ମରଣ କରିକି ପାଳନ
ସାଧାରଣତନ୍ତ୍ର ଦିବସ
କି ଗାଆଁ ସହର ସବୁଠାରେ ଭରେ
କୋଟି ପ୍ରାଣରେ ଉଲ୍ଲାସ ।

+ ବଉଦରାଜ -୭୬୨୦୧୪, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

# ଦେବଦୂତଟିଏ ସିଏ

## ନୀଳମଣି ଚାନ୍ଦ

ଯଦି କାହା ଆଖିରୁ ଯେ
ଲୋତକଟି ଝରଇ
ମୁଁ ଜାଣେନା ଆଖିରେ ମୋ
ଲୁହ କିଆଁ ଭରଇ ।

ଯାଏ ପାଶେ ହାତ ଧରେ
କହେ ଶୁଣ ଭାଇଟି
ମନ କଥା କୁହ ଅଛି
ମୁଁ ଶୁଣିବା ପାଇଁଟି ।

ଆଖିରୁ ମୁଁ ପୋଛିଦେବି
ଥିବ ଯାହା ଲୁହରେ
ସମସ୍ୟା ତ ଯାଏ ନାହିଁ
ଶୁଖେଇଲେ ମୁହଁରେ ।

କିଛି ଦେବା ନୁହେଁ ବଡ଼
ବଡ଼ ସମବେଦନା
ଆଉ ବଡ଼ ବୁଝିଗଲେ
ତା ମନର ଭାବନା ।

ପରହିତ ସାଧେ ଯିଏ
ବଡ଼ରେ ସେ ଗଣାରେ
ଭଲମଣିଷଟି ବୋଲି
ହୁଏ ସିନା ଜଣାରେ ।

ଚଲାପଥେ ଭେଟିଛ କି
କୁହ କେବେ କିଏରେ
ମଣିଷ ନୁହଁଇ ସିଏ
ଦେବଦୂତଟିଏରେ ।

+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ନେତାଜୀଙ୍କ ବୈଶିଷ୍ଟ୍ୟ

## ଅଳକା ରାୟ

ତୁଳସୀ ଦୁଇ ପତ୍ରରୁ ବାସିଲାଭଳି ବାଲ୍ୟକାଳରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଗୁଣ ଓ ମେଧା ବାରିହୋଇ ପଡିଥିଲା।ତାଙ୍କର ବାଗ୍ମୀତା ବାଲ୍ୟ କାଳରୁହିଁ ପ୍ରସ୍ଫୁଟିତ ହୋଇଥିଲା। 'ଗୁଲାମ' ଶବ୍ଦକୁ ଘୃଣା କରୁଥିବା ସୁବାଷ ପରବର୍ତ୍ତୀ ସମୟରେ ଜଣେ ବାଗ୍ମୀ ସ୍ୱାଧିନତା ସଂଗ୍ରାମୀ ପରିଚୟରେ ପରିଚିତ ହୋଇଥିଲେ।ଅନ୍ୟାୟ କୁ ବିରୋଧ କରିବାରୁ ସେ କଲେଜରୁ ବହିଷ୍କୃତ ହୋଇଥିଲେ। ଆଇସିଏସ (ଇଣ୍ଡିଆନ ସିଭିଲ ସର୍ଭିସ) ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇବି ସୁବାଷ ବୋଷ ଆଇସିଏସ ଚାକିରିକୁ ତ୍ୟାଗ କରିଥିଲେ। ଏହାଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ।

ବିଲାତରୁ ଫେରିବାପରେ ସୁବାଷ ବୋଷ ଦେଶର ସ୍ୱତନ୍ତ୍ରତା ପାଇଁ କଂଗ୍ରେସରେ ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ ଛତ୍ରଛାୟାରେ ରହି ସେ ଦେଶକୁ ସ୍ୱାଧୀନ କରିବା ଚେଷ୍ଟାରେ ବ୍ରତି ହେଲେ। କିନ୍ତୁ ଖୁବଶୀଘ୍ର ସେ ହୃଦୟଙ୍ଗମ କଲେଯେ ଗାନ୍ଧିଜୀଙ୍କ ଅହିଂସା ମାର୍ଗରେ ସ୍ୱତନ୍ତ୍ରତା ପାଇବା ସମୟ ସାପେକ୍ଷ। ସେ ଗାନ୍ଧିଜୀଙ୍କୁ ବହୁତ ସମ୍ମାନ କରୁଥିଲେ। ଦିତୀୟ ବିଶ୍ୱଯୁଦ୍ଧ ସମୟରେ ଗାନ୍ଧିଜୀଙ୍କୁ ପରାମର୍ଶ ଦେଲେ ଇଂରେଜ ସରକାର ଉପରେ ଚାପ ପକାଇ ସ୍ୱତନ୍ତ୍ରତା ପାଇବାକୁ।

କିନ୍ତୁ ତାଙ୍କ ଚେଷ୍ଟାରେ ସେ ଅସଫଳ ହେଲେ। ଧିରେଧିରେ ଗାନ୍ଧିଜୀଙ୍କ ସହ ତାଙ୍କର ମତାନ୍ତର ଦେଖାଯାଇଥିଲା। କଂଗ୍ରେସରେ ଥିବା ସମୟରେ ସେ ଖୁବ ଲୋକପ୍ରିୟ ହୋଇପାରିଥିଲେ। କଂଗ୍ରେସ ସଭାପତି ପ୍ରାର୍ଥିପାଇଁ ପ୍ରତିଦ୍ୱନ୍ଦିତା କରି ଗାନ୍ଧିଜୀଙ୍କ ସମର୍ଥନରେ ଛିଡାହୋଇଥିବା ଦକ୍ଷିଣ ଭାରତର ପଟ୍ଟାଭି ସୀତାରାମାୟାଙ୍କୁ ପରାଜିତ କରିଥିଲେ। କିନ୍ତୁ ଯେତେବେଳେ ଜାଣିଲେ ସୀତାରାମାୟାଙ୍କ ପରାଜୟରେ ଗାନ୍ଧିଜୀ ଦୁଃଖିତ ସେ ସଙ୍ଗେସଙ୍ଗେ କଂଗ୍ରେସ ସଭାପତି ପଦରୁ ଇସ୍ତଫାପତ୍ର ଦେଇଥିଲେ।ଗାନ୍ଧିଜୀଙ୍କ ସହ ତାଙ୍କର ମତାନ୍ତର ଥିଲେବି ମନାନ୍ତର ନଥିଲା।ସେ ଗାନ୍ଧିଜୀଙ୍କୁ ଖୁବ ସମ୍ମାନ କରୁଥିଲେ।ଏଥିରୁ ନେତାଜୀଙ୍କ ବିଶାଳ ହୃଦୟ ଓ ତ୍ୟାଗର ପରିଚୟ ମିଳିଥାଏ।

କଂଗ୍ରେସରୁ ବାହାରି ଆସିବା ପରେ ନେତାଜୀ ଏକ ସ୍ୱତନ୍ତ୍ର ଦଳ 'ଦ ଫରୱାର୍ଡ ବ୍ଲକ' ଗଠନ କଲେ।୧୯୪୦ ଜୁଲାଇରେ କଲିକତା ରେ ଏକ ରାଲିର ନେତୃତ୍ୱ ନେବା ସମୟରେ ଇଂରେଜ ସରକାର ତାଙ୍କୁ ଗିରଫ କରି ବନ୍ଦିକଲେ। ନେତାଜୀ ଜେଲ ଭିତରେ ଆମରଣ ଅନସନ କଲେ। ଯେହେତୁ ନେତାଜୀ ଖୁବ ଲୋକପ୍ରିୟ ଥିଲେ, କାଳେ ତାଙ୍କୁ କିଛି ହୋଇଯିବ ଭାବି ଡରିଯାଇ ଇଂରେଜ ସରକାର ତାଙ୍କୁ ଜେଲରୁ ବାହାର କରି ଗୃହବନ୍ଦୀ କରି ରଖିଲେ। କିନ୍ତୁ ଏହି ସମୟରେ ସେ ଛଦ୍ମବେଶରେ ଭାରତରୁ ବାହାରି ଜର୍ମାନୀ ପଳାଇଗଲେ। ଲକ୍ଷ୍ୟ ଥିଲା ଭାରତ ବାହାରେ ଥିବା ଲକ୍ଷଲକ୍ଷ ଭାରତୀୟଙ୍କୁ ଏକାଠି କରି ସ୍ୱାଧିନତା ଆନ୍ଦୋଳନ ରେ ଯୋଗଦେବାକୁ ଏବଂ ଅନ୍ୟାନ୍ୟ ଶକ୍ତଶାଳୀ ରାଷ୍ଟ୍ରର ସହାୟତା ପ୍ରାପ୍ତ କରିବାକୁ। ଜର୍ମାନୀରେ ସେ ହିଟଲରଙ୍କୁ ପ୍ରଭାବିତ କରିପାରିଥିଲେ ଏବଂ ଜର୍ମାନୀର ସହଯୋଗରେ ଏକ ବୁଡାଜାହାଜ ସହାୟତାରେ ନେତାଜୀ ଜାପାନ ଗଲେ। ପ୍ରଥମ ଭାରତୀୟ ଭାବେ ସେ ବୁଡା ଜାହାଜରେ ଯାତ୍ରା କରିଥିଲେ।



୧୯୪୩ ମସିହା ଜୁନ ୧୦ ରେ ଟୋକିଓରେ ନେତାଜୀ ଜାପାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଟୋଜୋଙ୍କ ସହ ସାକ୍ଷାତ କଲେ ଏବଂ ଜୁନ-୧୬ ତାରିଖରେ ସଂସଦରେ ଟୋଜ ଭାରତର ସ୍ୱାଧିନତା ଲାଗି ଜାପାନ ସବୁ ପ୍ରକାର ସାହାଯ୍ୟ କରିବାର ଘୋଷଣା କରିଥିଲେ।ପରେପରେ ନେତାଜୀ ସିଙ୍ଗାପୁର ଯାଇ ଯୁଦ୍ଧବନ୍ଦୀମାନଙ୍କୁ ଏକାଠିକରି ଏକ ଫୌଜ ଗଠନ କଲେ।ଆଧୁନୀକ ଇତିହାସରେ ପ୍ରଥମ ଥର ପାଇଁ ବିଦେଶରେ ଭାରତୀୟ ମାନଙ୍କୁ ଏକାଠିକରି ଗୋଟେ ଅନୁଷ୍ଠାନରେ ବାନ୍ଧି ରଖିବାକୁ ସକ୍ଷମ ହୋଇଥିଲେ। ପୂର୍ବ ଏସିଆର ୨୦ଲକ୍ଷ ଭାରତୀୟଙ୍କୁ ଏକ ପତାକା ତଳେ ଏକତ୍ର କରି ଗଠନ କରିଥିଲେ 'ଆଜାଦହିନ୍ଦ ଫୌଜ' ଓ ସ୍ଲୋଗାନ ଦେଇଥିଲେ 'ଦିଲ୍ଲୀ ଚଲୋ'।

୧୯୪୨ ଅଗଷ୍ଟରେ ଗାନ୍ଧିଜୀଙ୍କ 'ଭାରତଛାଡ' ଆନ୍ଦୋଳନକୁ ଜିନ୍ନା ଓ ସବରକର ଭଳି କିଛି ନେତା ବିରୋଧ କରୁଥିଲେ। ନେତାଜୀ ଏହା ଜାଣି ରେଡିଓରେ ବାର୍ତ୍ତା ଦେଲେ, ଦିନ ଆସିବ ଭାରତରେ ଇଂରେଜ ରାଜତ୍ୱ ରହିବନାହିଁ, ତେଣୁ ସମସ୍ତେ କାୟ ମନୋବାକୟରେ ଗାନ୍ଧିଜୀଙ୍କ ଭାରତଛାଡ ଆନ୍ଦୋଳନକୁ ସମର୍ଥନ ଜଣାଇବା ଉଚିତ।ଗାନ୍ଧିଜୀ ଓ ନେତାଜୀଙ୍କ ମଧ୍ୟରେ ମତାନ୍ତର ଥିଲେହେଁ ମନାନ୍ତର ନଥିଲା।

୧୯୪୦ ଦୁହିଁଙ୍କ ମଧ୍ୟରେ ଶେଷ ସାକ୍ଷାତକାର ସମୟରେ ଗାନ୍ଧିଜୀ ନେତାଜୀଙ୍କୁ କହିଥିଲେ ତୁମେ ବାଛିଥିବା ପଥରେ ଯଦି ଭାରତକୁ ସ୍ୱାଧୀନତା ମିଳିଯିବ ତେବେ ପ୍ରଥମ ଅଭିନନ୍ଦନ ବାର୍ତ୍ତା ମୋ ପାଖରୁ ପାଇବ।ଏହାକୁ ନେତାଜୀ ତାଙ୍କ ବହି 'ଦ ଇଣ୍ଡିଆନ ଷ୍ଟ୍ରଗଲ' ରେ ଲେଖିଯାଇଛନ୍ତି। ଦୁହିଁଙ୍କର ପଥ ଯଦିଓ ଭିନ୍ନ ଥିଲା କିନ୍ତୁ ଲକ୍ଷ ଏକ ଥିଲା, ତାହାହେଲା ଭାରତକୁ ସ୍ୱାଧୀନ କରିବା। ଦୁହେଁ ଦୁହିଁଙ୍କର ପ୍ରଶଂସା ପ୍ରଦର୍ଶକ ଥିଲେ। ଗାନ୍ଧିଜୀ ଭାରତ ଭିତରେ ଓ ନେତାଜୀ ଭାରତ ବାହାରେ ରହି ସଂଘର୍ଷ କରୁଥିଲେ। ଆଜାଦହିନ୍ଦ ଫୌଜରେ ବିଭିନ୍ନ ଧର୍ମର ସୈନିକ ଥିଲେ,କିନ୍ତୁ କୌଣସିପ୍ରକାରର ମତଭେଦ କେବେ ଦେଖାଦେଇ ନଥିଲା।

ଆଜାଦହିନ୍ଦ ଫୌଜର ନୀତିବାକୟ (**motto**) ତିନୋଟି ଉର୍ଦ୍ଦୁ ଶବ୍ଦକୁ ନେଇ ଗଠିତ, ଇତିଫାକ(**unity**), ଇତ୍ମାଦ(**faith**),ଓ କୁରବାନ(**sacrifice**).ଫୌଜର ପାଞ୍ଚଟି ରେଜିମେଣ୍ଟର ନାମ ପାଞ୍ଚଜଣ ସ୍ୱାଧିନତା ସଂଗ୍ରାମୀଙ୍କ ନାମରେ ନାମିତ ହୋଇଥିଲା।ଯଥା:- ଗାନ୍ଧୀ, ନେହେରୁ, ମୌଲାନା ଆଜାଦ, ସୁଭାଷ ଓ ଝାନସୀ ରାଣୀ। ପ୍ରଚାର ପତ୍ରରେ ଗାନ୍ଧୀ ଓ ନେହେରୁଙ୍କ ଫୋଟ ଥିଲା ଏବଂ ଅନ୍ୟ ଏକ ପ୍ରଚାର ପତ୍ରରେ ଗାନ୍ଧିଜୀ ଓ ନେତାଜୀଙ୍କ ବିଚାର ଲିପିବଦ୍ଧ ହୋଇଥିଲା।

୧୯୪୩ ଅକ୍ଟୋବର ୨ତାରିଖରେ ନେତାଜୀ ରେଡିଓ ବାର୍ତ୍ତାରେ ଗାନ୍ଧିଜୀଙ୍କୁ ପ୍ରଶଂସା କରି କହିଥିଲେ ଗାନ୍ଧିଜୀ ଭାରତପାଇଁ ଯାହା କରିଛନ୍ତି ଇତିହାସରେ ତାଙ୍କନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ବଦଳରେ ଗାନ୍ଧିଜୀ ନେତାଜୀଙ୍କୁ 'ପ୍ରିନ୍ସ ଅଫ ପେଟ୍ରୀୟଟ(**prince of patriot**) ଆଖ୍ୟାରେ ଅପାୟିତ କରିଥିଲେ।

୧୯୪୩ ଡିସେମ୍ବରରେ ଜାପାନ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ନେତାଜୀଙ୍କୁ ହସ୍ତାନ୍ତର କରିଦେଲେ। ପ୍ରଥମ ସ୍ୱାଧୀନ ଦ୍ୱୀପପୁଞ୍ଜରେ ନେତାଜୀ ପ୍ରଥମେ ତ୍ରୀରଙ୍ଗା ଉତ୍ତଳନ କରିଥିଲେ।ପରେପରେ ମଣିପୁର ଦଖଲ କରି ତ୍ରୀରଙ୍ଗା ଉଡାଇଥିଲେ। ହଠାତ ସବୁକିଛି ତୀବ୍ର ଆକାରରେ ବଦଳିବାକୁ ଲାଗିଲା।ଜିତୁଥିବା ଯୁଦ୍ଧ ହାରରେ ପରିଣତ ହେବାକୁ ଲାଗିଲା।ସୈନ୍ୟମାନେ ପଛଘୁଞ୍ଚା ଦେଲେ। ୪ଜୁଲାଇ ୧୯୪୪ ନେତାଜୀ ରେଡିଓରେ ଏକ ବାର୍ତ୍ତା ଦେଲେ ' ହେ ଜାତିର ଜନକ(**Father of our nation**)' ଆଜାଦିର ଏହି ଯୁଦ୍ଧରେ ଆମେ ଆପଣଙ୍କଠାରୁ ଆଶିର୍ବାଦ କାମନା କରୁଛୁ। ଏହି ବାର୍ତ୍ତା ମାଧ୍ୟମରେ ନେତାଜୀହିଁ ପ୍ରଥମେ ଗାନ୍ଧିଜୀଙ୍କୁ 'ଜାତିର ଜନକ' ସମ୍ବୋଧନରେ ସମ୍ବୋଧିତ କରିଥିଲେ।

ନେତାଜୀଙ୍କ ଚଲାପଥ ଯେପରି ରୋମାଞ୍ଚରେ ଭରିଥିଲା ତାଙ୍କ ମୃତ୍ୟୁବି ରହସ୍ୟମୟ ଆଜି ପର୍ଯ୍ୟନ୍ତ.....ତାଙ୍କ ଜୀବନର ଅନ୍ୟତମ ବୈଶିଷ୍ଟ୍ୟ ହେଲା ଅନ୍ୟ ନେତାମାନଙ୍କ ପରି ତାଙ୍କର ଶ୍ରାଦ୍ଧ ବାର୍ଷିକ ପାଳନ କରାଯାଏ ନାହିଁ।ସମଗ୍ର ଭାରତ ବର୍ଷରେ କେବଳ ତାଙ୍କର ଜୟନ୍ତି ପାଳନ କରାଯାଉଛି।

+ (ମୋ) ୭୯୭୮୩୩୨୦୬୧

# ଆମେ ଗଣତନ୍ତ୍ରର ସଚ୍ଚା ନାଗରିକ

## ନଗେନ୍ଦ୍ର ନାଥ ପଟ୍ଟନାୟକ

ବିଦ୍ୟାଳୟରେ ଗଣତନ୍ତ୍ର ଦିବସ ପାଳନର ପ୍ରସ୍ତୁତିପର୍ବ ଚାଲିଥାଏ । କିଛିପିଲା ତ୍ରିରଙ୍ଗା ବନାଉଥିଲା ବେଳେ ଆଉଥୋକେ ଦେଶଭକ୍ତି ସଙ୍ଗୀତ ଗାଇବାର ଅଭ୍ୟାସ କରୁଥାନ୍ତି । ଠିକ୍ ଏ ସମୟରେ ପ୍ରକାଶ ଗୁରୁଜୀ ଆସି ହାଜର । ମୁରୁକିମୁରୁକି ହସ ଫୁଟାଇ କହିଲେ: 'ପିଲାଏ ! ଗଣତନ୍ତ୍ର ଦିବସକୁ ନେଇ ତୁମମାନଙ୍କ ଉତ୍ସାହ ଦେଖି ମତେ ବହୁତ ଭଲ ଲାଗୁଛି ; କିନ୍ତୁ ଗଣତନ୍ତ୍ର କ'ଣ ମତେ ଟିକେ ବୁଝେଇ କହିଲ ।' ସେଉଠୁ ରୁଷି ବୋଇଲେ ପିଲାଟିଏ କହିଲା: 'ଗୁରୁଜୀ,ଗଣତନ୍ତ୍ର ଦିବସରେ ଛୁଟି ଥାଏ ।' ତା'ପରେ ନୀରୁ କହିଲା : ସେ ଦିନ ତିରଙ୍ଗା ଧ୍ୱଜା ଫୁର୍‌ଫୁର୍ ହୋଇ ଉଡେ;ଜାତୀୟ ସଙ୍ଗୀତ ଗାନ କରାଯାଏ, ମିଷ୍ଟାନ୍ନ ଖିଆଯାଏ ...। ସେତିକିବେଳେ ବବୁଲ ଆସନରୁ ଚଟ୍‌କିନା ଉଠିପଡ଼ି କହିପକାଇଲା: 'ଟି.ଭି ଚାନେଲ୍‌ରେ ରଙ୍ଗାରଙ୍ଗ ପ୍ୟାରେଡ୍ ପ୍ରଦର୍ଶନ କରାଯାଏ, ଗୁରୁଜୀ ।' ତହୁଁ ପ୍ରକାଶ ଗୁରୁଜୀ ହସିହସି କହିଲେ: 'ଏ ସବୁକଥା ତ ଠିକ୍ ଅଛି ; କିନ୍ତୁ ଗଣତନ୍ତ୍ର ଦିବସର କାର୍ଯ୍ୟକ୍ରମ ନୁହେଁ, ଗଣତନ୍ତ୍ର କ'ଣ ମୋର ଜାଣିବାର ଅଛି ?' ପିଲାମାନଙ୍କୁ ଘେନି ଗାଁ ଯାତ୍ରା କରିବାପାଇଁ ପ୍ରକାଶ ଗୁରୁଜୀ ଭାବୁଥିଲେ । ପରଦିନ ସେ ପିଲାଙ୍କୁ ସାଙ୍ଗରେ ନେଇଗଲେ ପାଖ ଗ୍ରାମପଞ୍ଚାୟତ ଭବନକୁ । ସେଠାରେ ସରପଞ୍ଚ ଓ ସଭ୍ୟ ଉପସ୍ଥିତ ଥିଲେ । ଗୁରୁଜୀ କହିଲେ: 'ଗ୍ରାମପଞ୍ଚାୟତରେ ସରପଞ୍ଚ ନିର୍ବାଚିତ କରାଯାଏ ପାଞ୍ଚବର୍ଷ ପାଇଁ । ସରପଞ୍ଚ ଓ ସଭ୍ୟମାନେ ମିଳିମିଶି ସହମ୍ମତି ଆଧାରରେ ନିଷ୍ପତ୍ତି ଗ୍ରହଣ କରନ୍ତି । ଜନମଙ୍ଗଳ କାମ ସମ୍ପାଦନ କରାଯାଏ । ଏକତା,ଅଖଣ୍ଡତା ଓ ଶାନ୍ତି ବଜାୟ ରଖିବାର ଆବଶ୍ୟକତା ଥାଏ । ଏହିଭଳି ଦେଶକୁ ସମସ୍ତଙ୍କ ମିଳିତ ସହଯୋଗ ଦ୍ୱାରା ସୁଦୃଢ କରିବା ହିଁ ଗଣତନ୍ତ୍ର ।

ରୁଷି କୌତୂହଳରେ ପଚାରିଲା: 'ଗୁରୁଜୀ, ତା'ମାନେ ସମଗ୍ର ଦେଶର ଜନତାଙ୍କ ସହଯୋଗ । ପ୍ରକାଶ ଗୁରୁଜୀ କହିଲେ: 'ହଁ ,ଗଣତନ୍ତ୍ର ତ ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କର ଓ ଜନତାଙ୍କ ଶାସନ ।' ତହୁଁ ନୀରୁ କହିଲା: ତା'ହେଲେ ପିଲାଙ୍କର କ'ଣ ଗଣତନ୍ତ୍ରରେ କିଛି ଯୋଗଦାନ ନାହିଁ ?' ଗୁରୁଜୀ କହିଲେ: 'ହଁ ଅଛି ,ପିଲାଏ ସଚୋଟତାର ସହ ପଢାରେ ମନୋନିବେଶ କରିବା; ଭଲ ନମ୍ବର ଆଣିବା,ବିଦ୍ୟାଳୟର ନିୟମାବଳୀ ପାଳନ କରି ଚଳିବା,ବଡମାନଙ୍କୁ ସମ୍ମାନ ଦେବା,ନାଗରିକ କର୍ତ୍ତବ୍ୟ ପାଳନ କରିବା ଓ ଅନୁଶାସନରେ ରହିବା -ଏ ସବୁ ହିଁ ଗଣତନ୍ତ୍ରରେ ସଚ୍ଚା ଯୋଗଦାନ ।' ତା'ପରେ ପିଲାମାନେ ଗାଁରୁ ଫେରିଆସିଲା ବେଳେ କୂଅ,ପୋଖରୀ ବଳଦଗାଡି,ସୁନା ଫସଲ ଲହଡ଼ି ଭାଙ୍ଗୁଥିବା ସବୁଜିମା କ୍ଷେତ ଓ ଗାଇଗୋରୁଙ୍କୁ ଛନ୍‌ଛନିଆ ଘାସ ଚରୁଥିବାର ଦୃଶ୍ୟ ଦେଖିଲେ ।

ଗଣତନ୍ତ୍ର ଦିବସ ଅବସରରେ ପତାକା ଉତ୍ତୋଳନ ହେଲା । ଗଣତନ୍ତ୍ର ଉତ୍ତରଦାୟିତ୍ୱର ନାମ ବୋଲି ପିଲାଏ ବେଶ୍ ଭଲଭାବରେ ବୁଝି ଏକସ୍ୱରରେ କହିଲେ: 'ଆମେ ଦେଶର ସଚ୍ଚା ନାଗରିକ ହେବୁ ।' ସେଠୁ ପ୍ରକାଶ ଗୁରୁଜୀ କହିଲେ: 'ତୁମେମାନେ ତ ବେଶ୍ ଭଲଭାବେ ଗଣତନ୍ତ୍ରର ଶିକ୍ଷା ପାଇ ସାରିଲଣି । ଏଭଳି ପ୍ରକାଶ ଗୁରୁଜୀଙ୍କ ଉଦ୍ୟମ ବଳରେ ପିଲାମାନଙ୍କ ମନରେ ଗଣତନ୍ତ୍ରର ଭାବନା ଜାଗ୍ରତ ହୋଇଥିଲା ।

ଓସ୍କାର ସିଟି, ଲେନ ନଂ-୯ ,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍ ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ପ୍ରିୟ ନେତାଜୀ

## ଅସୀମା ପ୍ରଧାନ

ପ୍ରିୟ ନେତା ତୁମେ ଆମ ନେତାଜୀ ସୁଭାଷ
ପିତା ତୁମ ଅଟନ୍ତି ଜାନକୀନାଥ ବୋଷ ।
ପ୍ରତି ପଦକ୍ଷେପ ତୁମ ଏକ କିମ୍ବଦନ୍ତୀ
ସ୍ୱାଧୀନତା ସଂଗ୍ରାମେ ଅଗ୍ନିବିର୍ଯ୍ୟ ବିପ୍ଳବୀ ।

କ୍ରାନ୍ତି ଉଦ୍ଦୀପନା ତୁମ ଚିର ଅମଳିନ
ଭାସ୍ୱର ହୋଇ ରହିବ ତୁମ ଜାଗରଣ ।

ଦେଶ ପାଇଁ ସ୍ୱପ୍ନ ଦେଖି ବ୍ୟକ୍ତି ସୁଖ ଭୁଲି
ବାଲ୍ୟକାଳୁ କାନ୍ଧ ତୁମେ ଦେଇଛ ପତେଇ ।

ଗୋଲାମ ହୋଇ ବଞ୍ଚିବା ଥିଲା ମୃତ ସରି
ପ୍ରଶାସନିକ ଅଧିକାରୀ ହେବେ କିପରି ।
ଦେଶବନ୍ଧୁ ଚିତ୍ତରଞ୍ଜନଙ୍କୁ ଗୁରୁ କରି
ସଂଗ୍ରାମରେ ଝାସଦେଲେ ଆତ୍ମାକୁ ଉପେକ୍ଷି ।

ସଂଗ୍ରାମ କଲ ଫରୱାର୍ଡ ବ୍ଲକ୍ ଗଢ଼ି
ଜର୍ମାନୀ ଚାଲିଗଲ ପରିସ୍ଥିତିରେ ପଡି ।

ବିଶ୍ୱ ଇତିହାସ ଚକିତ ତ ଚିରକାଳ
ନିଖୋଜ ହେଲ ଭାଗ୍ୟ ନ ଥିଲା ଅନୁକୂଳ ।

ଦେଶ ସ୍ୱାଧୀନତାରେ ସାଜି ରୁଦ୍ର ସନ୍ୟାସୀ
ଜାତିର ପିତା ବୋଲି ଗାନ୍ଧୀଙ୍କୁ ସାବାସୀ ।
ହେ ତ୍ୟାଗୀ ପୁରୁଷ ସଦା ଉଚ୍ଚ ତୁମ ଯଶ
ମାନ ଅପମାନ ତେଜି ଦିଅ ହେ ଆଶିଷ ।

+ ବୀରମହାରାଜପୁର, ସୁବର୍ଣ୍ଣପୁର

# ଜିଲ୍ଲାରେ ମଣ୍ଡିରୁ ଧାନକିଣାରେ ଅହେତୁକ ବିଳମ୍ବକୁ ନେଇ ସାମ୍ବାଦିକ ସମ୍ମିଳନୀ



ଭଦ୍ରକ, ୨୩/୦୧ ( ନି.ପ୍ର) ଭଦ୍ରକ ଜିଲ୍ଲାରେ ମଣ୍ଡିରୁ ଧାନ କିଣାରେ ଅହେତୁକ ବିଳମ୍ବ ଓ ଏଫ୍. ଏ. କ୍ୟୁ ବାହାନାରେ ଚାଷୀଙ୍କୁ ଶୋଷଣ କରିବା ସମ୍ବନ୍ଧରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କାନ୍ତ ମହାନ୍ତି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମିଲର ଓ ପ୍ରଶାସକଙ୍କ ଆସାଧୁ ମେଳି ପାଇଁ ଚାଷୀ ହତାଶ ହେବା ସହିତ କିଭଳି ଧାନକିଣା ନିୟମ ଚାଷୀଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ କରିଛି ଓ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା କୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ କିଭଳି ଚାଷୀଙ୍କ ଧାନ ନେବାକୁ ପ୍ରଶାସନ ଲୁଚକାଳି ଖେଳୁଛି, ଭଦ୍ରକ ଜିଲ୍ଲା ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଦଳି ଚକଟି ଦେଇଛି, FAQ (fair avarage quality) ମାନର ଧାନ କିଣା ଯିବା କହି ସରକାର ସମୟ ଗଡ଼ାଇ ଚାଲିଛନ୍ତି, ଏହି ବାହାନାରେ ଚାଷୀଙ୍କ ଧାନ ନନେବାକୁ ଚାଲ୍ କରିଛନ୍ତି , FAQ ବାହାନାରେ ସରକାର ଅନଭିଜ୍ଞ ଘରୋଇ ସଂସ୍ଥାକୁ ଅନଭିଜ୍ଞ କ୍ୱାଲିଟୀ ଆନାଲାଇସରଙ୍କ ଦ୍ୱାରା ଧାନର ମାନ ନିର୍ଦ୍ଧାରଣ କରିବାକୁ ଦିଆଯାଇଛି, ଧାନ କିଣା ସମୟ ଗଡ଼ାଇ ଚାଷୀଙ୍କ ଯନ୍ତ୍ରଣା ବଢାଇଛନ୍ତି, ଧାନ ଚାଷ କରି ଚାଷୀ ଦଣ୍ଡ ପାଉଛନ୍ତି , ୫ ତାରିଖରୁ ମଣ୍ଡି ରେ କଣ୍ଟା ପୂଜା ସାରିଦେଇ ସରକାର ହାତ ବାନ୍ଧି ବସିଛନ୍ତି , ଜିଲ୍ଲା ରେ ୮୦ ହଜାର ଟୋକନ୍ ଇସୁ ହେଇଛି, କିଛି ଟୋକନ ର ଅବଧି ଫେବୃଆରୀ ୫ ତାରିଖ ରେ ସରୁଛି, ମିଲର ଧାନ ନ କିଣିବାରୁ ମଣ୍ଡି ରେ, ଖଳାରେ ଧାନ ବସ୍ତା ଗଦା ଗଦା ହୋଇ ପଡ଼ି ରହିଛି, ଚାଷୀ ହତାଶ ହୋଇ ନିଜର ଅତ୍ୟାବଶ୍ୟକ ସମସ୍ୟା ମେଣ୍ଟାଇବା ନିମନ୍ତେ ବାଧହୋଇ, ହତାସ ହୋଇ ନିର୍ଦ୍ଧାରିତ ମୂଲ୍ୟର ଅଧା ଦରରେ ୧୪୦୦ ରୁ ୧୬୦୦ ଟଙ୍କାରେ ଧାନ ବିକୁଛନ୍ତି ଯାହା ଦୁର୍ଭାଗ୍ୟ ଜନକ, ସରକାର ଜାଣିଶୁଣି ବିଳମ୍ବ କରୁଛନ୍ତି ମିଲରଙ୍କୁ ଖୁସି କରିବା ପାଇଁ ଧାନ ସୁଖିଗଲେ କିଣିବା ପାଇଁ ଯୋଜନା କରିଛନ୍ତି,ଆଗରୁ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ମଣ୍ଡି ଖୁଲୁଥିଲେ ଏଥର ବିଳମ୍ବରେ ଜାନୁୟାରୀ ୫ ରେ ଖୋଲିଲେ ଅଦ୍ୟାବଧି ଗୋଟେ କେଜି ବି ଧାନ କିଣି ନାହାନ୍ତି ,ପରିସ୍ଥିତ ଏପରି ହୋଇଛି ଧାନ ଚାଷ ଓ ଅମଳ କଷ୍ଟ ଠାରୁ ଧାନ ବିକ୍ରୀର କଷ୍ଟ ଚାଷୀଙ୍କ ପାଇଁ ଦ୍ୱିଗୁଣିତ ହୋଇଛି । ଜିଲା ମହୋତ୍ସବ ନାଁରେ ଜିଲାର ସମ୍ମାନକୁ କେମିତି ଦଳି ଦିଆଗଲା ସେଇଟା ସାରା ଓଡିଶା ଦେଖିଲା। ଶାସକ ଦଳର କନ୍ଦଳ ପାଇଁ ମହୋତ୍ସବକୁ ଗୋଟିଏ ଦିନ ବନ୍ଦ କରି ଦିଆଗଲା। ଏବେ ସେଥିରେ ପ୍ରଯାଚ ପକାଇବାକୁ ଜିଲା ପ୍ରଶାସନ ମାତିଛି। ଏପଟେ ହଜାର ହଜାର ଚାଷୀ ଧାନ ବିକି ନପାରି କାନ୍ଦୁଛନ୍ତି। କଂଗ୍ରେସ ଦଳ ଏଠାରେ ଏକ ନୀତିଗତ ଦାବି ରଖୁଛି। ଜିଲାପାଳ ଏକ ସ୍ପେଶାଲ ସ୍କ୍ୱାର୍ଡ ଗଠନ କରନ୍ତୁ, ମିଲରଙ୍କ ଗୋଦାମ ଯାଞ୍ଚ କରନ୍ତୁ । କେଉଁ ମିଲରେ କେତେ ଧାନ ଅଛି ତାହା ଦେଖନ୍ତୁ। ସେହିସବୁ ଧାନ ଚାଷୀଙ୍କର ନା ଦଲାଲ ଆଗୁଆ ମିଲରେ ରଖିଛନ୍ତି ତାର ତଦନ୍ତ ହେଉ। ସବୁକଥାରେ ପ୍ରଚାରକୁ ଗୁରୁତ୍ୱ ଦେଉଥିବା ପ୍ରଶାସନ ଏହି ଚଢଉ ମଧ୍ୟ ମିଡିଆ ବନ୍ଧୁଙ୍କୁ ସାଥିରେ ନେଇ କରୁ। ସେହିଭଳି ପ୍ରତି ଧାନକିଣା କେନ୍ଦ୍ରରେ ସିସିଟିଭି ଲାଗିବାର ନିୟମ ରହିଛି। ଆମର ଦାବି ହେଲା ପ୍ରତିଦିନ ପ୍ରତି ଧାନକିଣା କେନ୍ଦ୍ରର ସିସିଟିଭି ଫୁଟେଜ ପ୍ରଶାସନ ନିଜ ୱେବସାଇଟରେ ଅପଲୋଡ କରୁ। କେଉଁ ସୋସାଇଟିରେ ଦୈନିକ କେତେ ଧାନକିଣା ହେଲା, ମିଲର ଗାଡି କେତେ ଧାନ ଉଠାଇଲା ସେ ସବୁ ଆପକୁ ଆପେ ଜଣାପଡିବ। ଭଦ୍ରାୟଣୀର ନାଚଗୀତକୁ ଅପଲୋଡ କରିବାର ବ୍ୟବସ୍ଥା କରିଥିବା ପ୍ରଶାସନ ଚାଷୀଙ୍କ ପାଇଁ ତଥା ଧାନକିଣାରେ ସ୍ୱଚ୍ଛତା ରକ୍ଷା ପାଇଁ ଏହା କରୁ। ଏହା ନକଲେ ମିଲର-ଦଲାଲ-ପ୍ରଶାସନ ଓ ଶାସକଦଳ ନେତାଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଛି ବୋଲି ଧରାଯିବ ,ଏହାସହିତ ଜିଲ୍ଲା ପ୍ରଶାସନ ନିକଟରେ ବିଭିନ୍ନ ଦାବି ଉତ୍ଥାପନ କରିଥିଲେ ଯଥା,ଚାଷୀଙ୍କ ଟୋକନ ଅବଧି ବଢା ଯାଉ, ରଇଛ ବାହାନାରେ ଚାଷୀଙ୍କୁ ଶୋଷଣ କରାନଯାଉ ,ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଠାରୁ ଧାନ କିଣା ଯାଉ ,କଟନି ଛଟନି ବନ୍ଦ କରାଯାଉ, ଯେହେତୁ ସରକାର କୌଣସି input subsid ଦେଇନାହାନ୍ତି, ଯାହା ଘୋଷଣା କରିଥିଲେ ପାଳନ କରନ୍ତୁ, ଯେଉଁଠି ମଣ୍ଡି ଖୋଲା ଯାଇନି ତୁରନ୍ତ ଖୋଲା ଯାଉ , ସରକାର ତୁରନ୍ତ ମଣ୍ଡିରୁ ଧାନ କିଣିବା ସହିତ ଚାଷୀଙ୍କ ସମସ୍ୟାର ସମାଧାନ ଓ ଉପରୋକ୍ତ ଦାବି ଗୁଡ଼ିକ ପୁରଣ ନକଲେ ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାନ ବସ୍ତା ରଖି ଘେରାଉ କରିବ, ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଟାଉନ ସଭାପତି ମୋକିତ ଖାନ, ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ଅମିତାବାଳା ଆଚାର୍ଯ୍ୟ, ରାଜେନ୍ଦ୍ର ପ୍ରସାଦ ଜେନା, ପ୍ରଦ୍ୟୁମ୍ନ ଦାସ, ଶର୍ମିଷ୍ଠା ପଣ୍ଡା, ବିଜୟ ବାରିକ, ମନୋଜ ମଲ୍ଲିକ, ସୁଧାଂଶୁ ଶେଖର ନାୟକ, ସବିର ଖାନଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ଦ୍ୱାରା ଡୁଡ଼ାର ସମୀକ୍ଷା ବୈଠକ

ନୂଆପଡା,୨୩/୦୧(ନି.ପ୍ର) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଡୁଡ଼ାର ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ତିନିଗୋଟି ବିଜ୍ଞାପିତ ଅଂଚଳ ପରିଷଦ ନୂଆପଡା, ଖଡିଆଳ ଓ ଖରିଆର ରୋଡର କାର୍ଯ୍ୟାବଳୀର ସମୀକ୍ଷା ସହିତ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ବନ୍ଧରେ ବୈଠକରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ଏନଏସି ମାନଙ୍କର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ବିଭିନ୍ନ ଉତ୍ସରୁ ରାଜସ୍ୱ ବୃଦ୍ଧି କରିବା, ୱାର୍ଡରେ ପୌର ପ୍ରଶାସନ ପହଂଚାଇବା, ସମସ୍ତ ୱାର୍ଡରେ ପ୍ଲାଷ୍ଟିକ ବର୍ଜନ କରି କପଡା ବ୍ୟାଗ୍, କାଗଜ ଠୁଙ୍ଗା ବ୍ୟବହାର କରିବା, ବର୍ତନ ବ୍ୟାଙ୍କ୍ ଆରମ୍ଭ କରିବା ଏବଂ ରାସ୍ତା ଓ ନାଳ ସବୁକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସହର ସବୁର ସୌନ୍ଦର୍ଯ୍ୟକରଣ ସହିତ ଜନ ସାଧାରଣଙ୍କୁ ଏକ ସହରୀ ସଭ୍ୟତାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବିଜ୍ଞାପିତ ଅଂଚଳ ପରିଷଦ ନୂଆପଡାର ଇଓ ଶ୍ରୀନିବାସ ମିର୍ଦ୍ଧା, ଖଡିଆଳ ଇଓ ସ୍ୱାଧୀନ କେତନ ମହାରଣା ଓ ଖରୀଆର ରୋଡ ଇଓ କମଳାସନ ରଥ ଓ ସଂପୃକ୍ତ ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ।

# ବେଲାଣପୁରାରେ ସରପଞ୍ଚଙ୍କ ଘରୁ ଚୋରୀ

ବୈଶିଙ୍ଗା,୨୩/୦୧(ନି.ପ୍ର) : ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ପାଟଳିପୁରା ସରପଞ୍ଚଙ୍କ ଘରେ ଅଜଣା ଦୁର୍ବୃର୍ତ୍ତ ଘରେ କେହି ନଥିବା ସୁଯୋଗରେ କଳାକନା ବୁଲାଇ ଦେଇଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ଏକ ଦନ୍ତାହାତୀ ଏହି ଅଞ୍ଚଳରେ ଉତ୍ପାତ କରୁଥିବା ଖବର ପାଇ କିଛି ଗ୍ରାମବାସୀଙ୍କ ସହ ଏହାକୁ ତଡିବା ପାଇଁ ସରପଞ୍ଚ ମମତା ନାୟକଙ୍କ ସ୍ୱାମୀ ସଞ୍ଜୟ ଜେନା ଯାଇଥିଲେ। ମମତା ମଧ ଗାଁ ଭିତରକୁ ବୁଲିବାକୁ ଯାଇଥିଲେ। ଠିକ୍ ସେହି ସୁଯୋଗରେ ସରପଞ୍ଚଙ୍କ ବେଲାଣପୁରା ଠାରେ ଥିବା ଘର ତାଲା ଭାଙ୍ଗିବା ସହ ଶୋଇବା ଘରେ ଥିବା ଲୁହା ଆଲମିରା ଚାବି ଭାଙ୍ଗି ସମସ୍ତ ସୁନା ରୂପା ଗହଣା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୋଲିସ ପକ୍ଷରୁ ୩୧ ନଂ ରେ ଏକ ମାମଲା ରୁଜୁ କରାଯାଇ ଏଏସଆଇ ସପନ କୁମାର ବିଶ୍ୱାଳଙ୍କ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି। ଆଜି ଗୁରୁବାର ବାରିପଦାରୁ ତାଲିମ ପ୍ରାପ୍ତ ପୋଲିସ କୁକୁର ସହାୟତାରେ ଘଟଣାର ଛାନଭିନ କରାଯାଇଛି। ତେବେ ଗୋପନୀୟତା ଦୃଷ୍ଟିରୁ ତଦନ୍ତର ଅଗ୍ରଗତି ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ ସୂଚନା ଦିଆଯାଇନାହିଁ।

# ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମଜୟନ୍ତୀ ପାଳିତ



ଭଦ୍ରକ,୨୩/୦୧(ନି.ପ୍ର) : ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମଜୟନ୍ତୀ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ଆଜି ସକାଳ ୮.୩୦ ମିନିଟ୍‌ରେ ଭଦ୍ରକ ଜିଲ୍ଲା ସ୍କୁଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଭବ୍ୟ ଭାବେ ଆୟୋଜିତ ହୋଇଯାଇଛି ।ଏହି ଅବସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ଓ ଏନ୍‌ସିସି କର୍ଣ୍ଣେଲ ଶ୍ରୀ ଏସ୍.ଏସ୍. ରଘୁବଂଶୀ ପୁଷ୍ପମାଲ୍ୟ ଅର୍ପଣ କରି ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ନେତାଜୀଙ୍କ ଦେଶପ୍ରେମ, ତ୍ୟାଗ ଓ ସଂଘର୍ଷମୟ ଜୀବନ ଆଜିର ଯୁବପିଢ଼ି ପାଇଁ ପ୍ରେରଣାସ୍ୱରୂପ ବୋଲି କହିଥିଲେ। ଏନ୍‌ସିସି କର୍ଣ୍ଣେଲ ଶ୍ରୀ ଏସ୍.ଏସ୍. ରଘୁବଂଶୀ ।

# ବାଲେଶ୍ୱର ରାଉତ ଛାତ୍ରନିବାସରେ ବସନ୍ତ ପଞ୍ଚମୀ ଅବସରରେ ବାଗ୍‌ଦେବୀ ସରସ୍ୱତୀଙ୍କର ପୂଜା ଅନୁଷ୍ଠିତ



ବାଲେଶ୍ୱର,୨୩/୦୧(ନି.ପ୍ର) :: ଶୁକ୍ରବାର ଦିନ ବାଲେଶ୍ୱର ମଠସାହି ନିକଟରେ ରାଉତ ଛାତ୍ରନିବାସରେ ବିଦ୍ୟାଦାୟିନୀ ବାଗ୍‌ଦେବୀ ସରସ୍ୱତୀଙ୍କର ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଦେବୀ ସରସ୍ୱତୀଙ୍କ ନିକଟରେ ପୂଜାର୍ଚ୍ଚନା, ହୋମ ଆଦି କାର୍ଯ୍ୟକ୍ରମ ସମାପନ ପରେ ଛାତ୍ରମାନେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୀବନ ଖୁଣ୍ଟିଆ, ଚନ୍ଦନ ସେଠୀ, ବୁଦ୍ଧେଶ୍ୱର ମଲ୍ଲିକ, ସ୍ୱପ୍ନଜିତ ପୁଷ୍ଟି, ବିଶ୍ୱନାଥ ରାଉଳ, ସିତାରାମ ଦାସ, ଅଶ୍ୱିନୀ କୁମାର ନାୟକ, ଗୌତମ ନାୟକ, ଦୀପକ ମଲ୍ଲିକ, ଦୀପକ କମିଲା, ଭାଗବତ ଜେନା ପ୍ରମୁଖ ସାମିଲ ଥିଲେ । ଶେଷରେ ସମସ୍ତ ଛାତ୍ରମାନେ ଓ ପଡ଼ୋଶୀ ମାନେ ପ୍ରସାଦ ସେବନ କରିଥିଲେ ।

## ଉତ୍କଳ ସମ୍ମିଳନୀ କୋରାପୁଟ ଶାଖାର ବୈଠକ

ଜୟପୁର,୨୩/୦୧(ନି.ପ୍ର) : ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ଏକ ବୈଠକ ଆଜି ଖାଲସାହି ହରିଶ୍ଚନ୍ଦ୍ର ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ମଦନ ମୋହନ ନାୟକଙ୍କ ପୋରୋହିତ୍ୟରେ ଆୟୋଜିତ ବୈଠକରେ ୨ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ବିଶେଷକରି ଜୟପୁରରେ ଆସନ୍ତା ଫେବୃଆରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ହେବାକୁ ଥିବା ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ପାଇଁ ମାଲକାନାଗିରି କମିଟି ସହ ଆଲୋଚନା ନେଇ କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଥିଲ। । ବୈଠକରେ କେନ୍ଦ୍ର ସମ୍ପାଦକ ବୀରେନ ମୋହନ ପଟ୍ଟନାୟକ, ରାଜ୍ୟ ପରିଷଦ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ହରିହର କରସୁଧା ପଟ୍ଟନାୟକ, କୃଷ୍ଣଚନ୍ଦ୍ର ହୋତା, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଯୁଗ୍ମ ସଂପାଦକ ଚନ୍ଦ୍ରକାନ୍ତ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଯୋଗ ଓ ଧ୍ୟାନ କର୍ମଶାଳା

ରାଇରଙ୍ଗପୁର,୨୩/୦୧(ନି.ପ୍ର) : ଆଜି ସ୍ଥାନୀୟ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିସରରେ ଏକ ଦିନିକିଆ ଯୋଗ ଓ ଧ୍ୟାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ଜୀବନଶୈଳୀରେ ସକାରାତ୍ମକ ପରିବର୍ତନ ଏବଂ ମାନସିକ ଶାନ୍ତି ପାଇଁ ନିଶ୍ୱାସ ପ୍ରଶ୍ୱାସର ଗୁରୁତ୍ୱ ଉପରେ ଏହି କର୍ମଶାଳାଟି ପର୍ଯ୍ୟବସିତ ଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ରବିଶଙ୍କର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଶ୍ରମିକ ନେତା ନିଗମାନନ୍ଦ ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ଇଂରାଜୀ ଅଧ୍ୟାପିକା ବିଜୟ କୁମାର ରାମ ମଞ୍ଚ ପରିଚାଳନା କରିଥିଲେ । ବିଶିଷ୍ଟ ଅତିଥି ତଥା ମୁଖ୍ୟ ଆଲୋଚିକା ଭାବେ ବାଙ୍ଗାଲୋରରୁ ଆସିଥିବା ଡଃ. ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ଯୋଗ ଓ ପ୍ରାଣାୟାମର କୌଶଳ ଶିଖାଇଥିଲେ। ସେ ବିଶେଷ ଭାବରେ ବୁଝାଇଥିଲେ ଯେ, କିପରି ନିଶ୍ୱାସ ପ୍ରଶ୍ୱାସର ଗତି ଓ ପ୍ରକ୍ରିୟାରେ ସାମାନ୍ୟ ପରିବର୍ତନ ଆଣି ଆମେ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଉନ୍ନତି ଆଣିପାରିବା। ସଠିକ୍ ଉପାୟରେ ଧ୍ୟାନ କରିବା ଦ୍ୱାରା ମାନସିକ ଚାପ ହ୍ରାସ ପାଇବା ସହ ଏକାଗ୍ରତା ବୃଦ୍ଧି ପାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଧ୍ୟାପିକା ସୁଧାଂଶୁବାଳା ପଟ୍ଟନାୟକ ମଧ ଯୋଗର ଉପକାରିତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦଶରଥ ଗୋରେଇ, ଅଧ୍ୟାପିକା ରେଣୁକା ମହାନ୍ତ, ସୁଭଦର୍ଶନୀ ମିଶ୍ର, ପ୍ରିୟତମା ହେମ୍ବ୍ରମ, ବିଦ୍ୟାବତୀ ବେହେରା, ଅନିତା ସାମନ୍ତ ଏବଂ ଗୁଞ୍ଜନ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ରହି କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ। ଶତାଧିକ ଛାତ୍ରୀ ଏହି କର୍ମଶାଳାରେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ପରିଶେଷରେ ଅଧ୍ୟାପିକା ସୁଭଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଡାବାଲି ଦ୍ୱୀପରେ ଉଡିଲା ଜାତୀୟ ପତାକା : ମୁଖ୍ୟ ଅତିଥି ଭାବେ ଯୋଗଦେଲେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ

## ସମୁଦ୍ର ତଟ ସୁରକ୍ଷା ବ୍ୟବସ୍ଥାକୁ ସଶକ୍ତ ଓ ଆଧୁନିକ କରିବା ପାଇଁ ୧୪୯ କୋଟି



୦୧(ନି.ପ୍ର) : ୭୭ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଓଡ଼ିଶା ପୋଲିସ ପକ୍ଷରୁ ଆଜି ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମରା ବନ୍ଦର ନିକଟସ୍ଥ ଜନବସତି ବିହୀନ ଉଡାବାଲି ଦ୍ୱୀପରେ ଜାତୀୟ ପତାକା ଉତୋଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ଦେଶର ଉପକୂଳ ସୁରକ୍ଷାରେ ନିରନ୍ତର ସେବା ଯୋଗାଉଥିବା ସୁରକ୍ଷା ବାହିନୀଙ୍କ ସାହସ, ତ୍ୟାଗ ଓ କର୍ତବ୍ୟନିଷ୍ଠା ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସମୁଦ୍ର ତଟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ଆଧୁନିକ କରିବା ପାଇଁ ଓଡ଼ିଶା ପୋଲିସ ତରଫରୁ ଦୀର୍ଘମିଆଦି ଯୋଜନା ଆରମ୍ଭ କରାଯାଇଛି ବୋଲି ଡିଜିପି ସୂଚନା ଦେଇଥିଲେ। ଏଥି ନିମନ୍ତେ ଚଳିତ ବର୍ଷ ରାଜ୍ୟ ସରକାର ବାର୍ଷିକ ବଜେଟରେ ୧୪୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି କହିଥିଲେ। ଉକ୍ତ ଅର୍ଥରାଶିକୁ ବିନିଯୋଗ କରି ସାମୁଦ୍ରିକ ପାଟ୍ରୋଲିଂ ପାଇଁ ଯନ୍ତ୍ର ଚାଳିତ ବୋଟ, ଟ୍ରଲର, ପ୍ରତ୍ୟେକ ସାମୁଦ୍ରିକ ଥାନା ପାଇଁ ଡ୍ରୋନ, ନୌସେନା ବିଶେଷଜ୍ଞ ଓ ବୈଷୟିକ ପରାମର୍ଶଦାତାଙ୍କୁ ନିୟୋଜନ, ମାଛ ଧରା ଅବତରଣ କେନ୍ଦ୍ରରେ ସ୍ୱତନ୍ତ୍ର ସାମୁଦ୍ରିକ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରିବା ଏବଂ ସମସ୍ତ ସାମୁଦ୍ରିକ ଥାନା ଗୁଡିକରେ କମ୍ୟୁନିଟି ପୋଲିସିଂ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସେ କହିଥିଲେ । ଏହା ସହିତ ମାଛ ଧରା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା ସହ ସାମୁଦ୍ରିକ ପୋଲିସ ଥାନାଗୁଡିକରେ ନିୟନ୍ତ୍ରଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଉଛି । ଏହି ସମସ୍ତ ବ୍ୟବସ୍ଥାକୁ ଭୁବନେଶ୍ୱରର ଏକ ଅତ୍ୟାଧୁନିକ କମାଣ୍ଡ ଓ କଂଟ୍ରୋଲ ସେଂଟର ସହ ଯୋଡ଼ାଯିବ ଏବଂ ଆଗାମୀ ଦିନରେ ଏହା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡିଜିପି କହିଥିଲେ । ଉପକୂଳ ସୁରକ୍ଷାକୁ ସଶକ୍ତ କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିବାରୁ ସେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ। ଜନବସତି ବିହୀନ ଉପକୂଳ ଦ୍ୱୀପଗୁଡ଼ିକରେ ଜାତୀୟ ପତାକା ଉତୋଳନ କରାଯିବା ମାଧ୍ୟମରେ ଦେଶର ଭୂମି, ସମୁଦ୍ର ଓ ସମ୍ପ୍ରଭୁତା ପ୍ରତି ଓଡ଼ିଶା ପୋଲିସର ଅତୁଟ ସଙ୍କଳ୍ପ ଓ ଦୃଢ଼ ଆସ୍ଥା ପ୍ରତିବିମ୍ବିତ ହେଉଛି। ଏହା ସହିତ ଓଡ଼ିଶା ପୋଲିସର ଉପକୂଳ ସୁରକ୍ଷା ପ୍ରତି ଅତୁଟ ସଂକଳ୍ପକୁ ଏହି ପଦକ୍ଷେପ ପ୍ରତିବିମ୍ବିତ କରୁଛି ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ଏହି ଅବସରରେ କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଭାରତୀୟ ନୌସେନା, ଭାରତୀୟ ଉପକୂଳ ସୁରକ୍ଷା, ଶୁଳ୍କ ବିଭାଗ, ରାଜ୍ୟ ପୋଲିସ, ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ, ଗୁଇନ୍ଦା ବିଭାଗ, ଜଙ୍ଗଲ ବିଭାଗ, ସ୍ଥାନୀୟ ବାସିନ୍ଦା ଏବଂ ମତ୍ସ୍ୟଜୀବୀଙ୍କୁ ଡିଜିପି ଧନ୍ୟବାଦ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ମସିହା ନଭେମ୍ବର ମାସରେ ଓଡ଼ିଶାରେ ଆୟୋଜିତ ସର୍ବଭାରତୀୟ ଆରକ୍ଷୀ ମହାନିର୍ଦ୍ଦେଶକ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପକୂଳ ରାଜ୍ୟଗୁଡ଼ିକର ଜନବସତି ବିହୀନ ଦ୍ୱୀପଗୁଡ଼ିକରେ ସାଧାରଣତନ୍ତ୍ର ଦିବସ କିମ୍ବା ତାହା ପୂର୍ବ ଦିନ ଜାତୀୟ ପତାକା ଉତୋଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଜନବସତି ବିହୀନ ଉପକୂଳ ଦ୍ୱୀପକୁ ଚିହ୍ନଟ କରି ସେଠାରେ ଜାତୀୟ ପତାକା ଉତୋଳନ କରିବା ପାଇଁ ଡିଜିପି ଶ୍ରୀ ଖୁରାନିଆଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଆଗାମୀ ତିନି ଦିନ ମଧ୍ୟରେ କନିକା ସ୍ୟାଣ୍ଡସ , ଲଙ୍ଗ ହ୍ୱିଲର (ବାବୁବାଲି), କୋକୋନଟ ହ୍ୱିଲର, ସ୍ମଲ ହ୍ୱିଲର, ନୟାଟାପୁ, ବୁଦ୍ଧିଆବାଲି, କେନ୍ଦ୍ରାପଡ଼ା ଜିଲ୍ଲାର ହୁକିଟୋଲା ଦ୍ୱୀପ, କାଦୁଆପାଳ, ଧାନୀଛଡା ଏବଂ ପୁରୀ ଜିଲ୍ଲାର ପାରିକୁଦ, ନଳବଣ, କାଳିଜାଇ ଦ୍ୱୀପରେ ଜାତୀୟ ପତାକା ଉତୋଳନ ନିମନ୍ତେ ଯୋଜନା ରହିଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଡିଆଇଜି (ପୂର୍ବାଂଚଳ) ପିନାକ ମିଶ୍ର, ଭଦ୍ରକ ଏସପି ମନୋଜ ରାଉତ, ଏଆଇଜି (ମେରାଇନ) ସତ୍ୟଜିତ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ, ଉପକୂଳ ସୁରକ୍ଷା ବିଭାଗର କର୍ମଚାରୀ ଓ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

# ଶ୍ରୀ ଶ୍ରୀ ଗୋପିନାଥ ଜୀଉ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଉଦଯାପିତ

କୋରେଇ,୨୩/୦୧(ନି.ପ୍ର) : କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତସ୍ଥ ଓଟିନ୍ଦା ଗ୍ରାମରେ ଶ୍ରୀ ଶ୍ରୀ ଗୋପିନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଦ୍ୱିଦିବସୀୟ ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ଅବସରରରେ ପୂର୍ଣ୍ଣତୋୟା ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟକୁ କଳସ ଯାତ୍ରା ବାହାରି ଗ୍ରାମରେ ପହଂଚିଥିଲା। ଶତାଧିକ ମହିଳାଙ୍କ ଏହି କଳସ ଯାତ୍ରାରେ ଯୋଗଦେଇଥିବା ବେଳେ ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପାଣିକୋଇଲି ମା ତାରିଣୀ ମନ୍ଦିରୁ ଶୋଭଯାତ୍ର ନାମସଂର୍କିତନ ସହ ବାହାରି ଯଜ୍ଞ ମଣ୍ଡପରେ ପହଂଚିଥିଲା। ଆଚାର୍ଯ୍ୟ ରଘୁନାଥ ପାଢୀ, ମୋହନ ଚରଣ ପାଢୀ, ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି, ପ୍ରଫୁଲ୍ଲ ପାଢୀ, ତତ୍ୱାଧାନରେ କର୍ତା ଭାବେ ସୁବାସ ଧଳ ଓ ଶ୍ୱେତପଦ୍ମା ଧଳ, ଶରତ ଚନ୍ଦ୍ର ଦାଶ ଓ ଗୀତାଂଜଳୀ ଦାଶ, କୃଷ୍ଣ ଚନ୍ଦ୍ର ପାଢୀ ଓ ସୁକାନ୍ତି ପାଢୀ ସସ୍ତ୍ରୀକ କାର୍ଯ୍ୟ ଭାର ତୁଲାଇଥିଲେ । ପରେ ନାମ ସଙ୍କିର୍ତନ ଭଜନ ସନ୍ଧ୍ୟା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଦିବସରେ ସୂର୍ଯ୍ୟପୂଜା ଓ ଗୀତା ଯଜ୍ଞ କରାଯାଇ ପୂର୍ଣ୍ଣାହୂତି କରାଯାଇଥିଲା । ପରେ ଶୋଭାଯାତ୍ରାରେ ଯାଇ କଳସ ବିସର୍ଜନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସତିସ ଧଳ, ଆଲୋକ ବେହେରା, ଅଚ୍ୟୁତାନନ୍ଦ ସାହୁ, ସୁରେଶ ଧଳ, ଶିବ ପ୍ରସାଦ ଗିରି, ପ୍ରକାଶ ମଲିକ, ଅକ୍ଷୟ ସାମଲ, ଭିମସେନ ଦାସ, ନଣ୍ଡା ଦାସ, କାଳିଆ ବାରିକ, ଅରୁଣ ଆରଣଙ୍କ ସମେତ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ସହଯୋଗ କରିଥିଲେ ।

# ବରାହାଟିପୁରା ଠାରେ ସମ୍ପର୍କ ଯୋଡୁଛି ମିଡିଆ ହାଉସ

କେନ୍ଦୁଝର,୨୩/୦୧(ନି.ପ୍ର) : କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅନ୍ତର୍ଗତ ବରାହାଟିପୁରା ଠାରେ ୧୫୨ ପାବଚ୍ଛ ଉପରେ ପ୍ରଭୁ ନୀଳକଣ୍ଠେଶ୍ୱର ପୂଜା ପାଉଛନ୍ତି। ତାଙ୍କରି ପାଦ ଦେଶରେ ଐତିହାସିକ ମକରମେଳା ଅନୁଷ୍ଠିତ ହୋଇଆସୁଛି। ଏହି ଐତିହାସିକ ମକର ମେଳା ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମୁଛି। ମେଳାରେ ମୁଖ୍ୟ ଆକର୍ଷଣ ସାଜିଛି ମିଡିଆ ହାଉସ୍। ଗଣତନ୍ତ୍ରର ଚତୁର୍ଥସ୍ୱମ୍ଭ ତଥା ଜାଗ୍ରତପ୍ରହରୀ ସାମ୍ବାଦିକ ମାନେ ଲୋକ ମାନଙ୍କୁ ସଚେତନତା ବାର୍ତା ଦେବା ସହିତ ସେମାନଙ୍କର ସ୍ୱରକୁ ପ୍ରଶାସନ ନିକଟରେ ପହଂଚାଇବାର ପ୍ରଚେଷ୍ଟା ଜାରି ରଖିଛନ୍ତି। ତତ୍ ସହିତ ମେଳାରେ ସାଧାରଣ ଜନତାଙ୍କ ସହିତ ମିଡିଆ ହାଉସ ସମ୍ପର୍କ ଯୋଡୁଛି। ସାମ୍ବାଦିକ ଓ ସାଧାରଣ ଲୋକଙ୍କ ଭିତରେ ସୃଷ୍ଟି ହେଉଛି ମଧୁରସମ୍ପର୍କ। ଢେଙ୍କିକୋଟ ସରକାରୀ ପଞ୍ଜୀକୃତ ପ୍ରେସ କ୍ଲବର ସଭାପତି କବିନ୍ଦ୍ର ରାଉତ, ସମ୍ପାଦକ ସଞ୍ଜୟ କୁମାର ସାହୁ, ସମେତ ତପନ କୁମାର ବେହେରା, ସଂଗ୍ରାମ ରାଉତ୍ ଓ ଘଟଗାଁ ବ୍ଲକ ଅନ୍ତର୍ଗତ ଅନ୍ୟାନ୍ୟ ସାମ୍ବାଦିକ ମାନେ ସହଯୋଗ କରିଆସୁଛନ୍ତି। ମିଡିଆ ହାଉସ ଯେ ସାଧାରଣ ଲୋକଙ୍କ ସ୍ୱର ଓ ସ୍ୱାର୍ଥ ପାଇଁ କାମକରୁଛି ତା ନୁହେଁ ଲୋକମାନଙ୍କୁ ସାହାଯ୍ୟ ଓ ସଚେତନତା ବି କରୁଛି।

# ବିଭିନ୍ନ ବିଦ୍ୟାଳୟ ଏବଂ କ୍ଲବ ସମୂହରେ ସରସ୍ୱତୀ ପୂଜା ଅନୁଷ୍ଠିତ



ବୈଶିଙ୍ଗା,୨୩/୦୧(ନି.ପ୍ର) : ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ବିଦ୍ୟା ଦାତ୍ରୀ ମାଆ ସରସ୍ୱତୀ ଦେବୀଙ୍କର ପୂଜାର୍ଚ୍ଚନା ମହା ସମାରୋହରେ ପାଳିତ ହୋଇଥିବାର ଜଣାଯାଇଛି। ଛାତ୍ର ଛାତ୍ରୀ ମାନେ ନବ ବସ୍ତ୍ର ପରିଧାନ କରି ଦଳ ଦଳ ହୋଇ ବିଦ୍ୟାଳୟକୁ ଆସୁଥିବାର ଦେଖିବାକୁ ମିଳିଥିଲା । ରାଇକମା ସ୍ଥିତ ଆଶ୍ରମ ବିଦ୍ୟାଳୟ, ରଘୁନାଥ ଉଚ୍ଚ ବିଦ୍ୟାଳୟ, ହେମପୁର ଉଚ୍ଚ ବିଦ୍ୟାଳୟ, ପୁରୁଣିଆ ଉଚ୍ଚ ବିଦ୍ୟାଳୟ, ଖଇରବଣୀ ଆଶ୍ରମ ବିଦ୍ୟାଳୟ, ଖୁଣ୍ଟାପୁର ସତ୍ୟସାଇ ବିଦ୍ୟାପୀଠ, ବୈଶିଙ୍ଗା ମୁନିଲାଲ ଉଚ୍ଚ ବିଦ୍ୟାଳୟ, ବୈଶିଙ୍ଗା ବିଇଡି ଓ ଓଡିଶା କମ୍ପୁଟର ଏକାଡେମୀ, ଉଚ୍ଚ ବାଳିକା ବିଦ୍ୟାଳୟ ସମେତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ମାଆ ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା ।

## ବଲାଙ୍ଗିର ଲୋକ ଉତ୍ସବ ୨୦୨୬ରେ ଆଇନ ସେବା ପ୍ରାଧିକରଣ ଷ୍ଟଲ୍

ବଲାଙ୍ଗିର,୨୩/୦୧(ନି.ପ୍ର) : ବଲାଙ୍ଗିର ଲୋକ ଉତ୍ସବ ଅବସରରେ କୋଶଳ କଳା ମଣ୍ଡପ ପରିସରରେ ଆଇନସେବା ପ୍ରାଧିକରଣ ବଲାଙ୍ଗିର ତରଫରୁ ୨ନଂ. ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଷ୍ଟଲର ଉଦଘାଟନ ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଜଜ୍ ଭାରପ୍ରାପ୍ତ ମଳୟ କୁମାର ଦାଶଙ୍କ କରକମଳରେ ହୋଇଥିଲା । ଏହି ଅବସରରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ଜିଲ୍ଲା ଆରକ୍ଷି ଅଧିକ୍ଷକ ଅଭିଳାଷ ଜୀ, ଜିଲ୍ଲା ବାର ସଭାପତି ବାସୁଦେବ ରଥ ମୁଖ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହା ସହିତ ଅନ୍ୟତନ ଅତିଥି ଭାବେ ସିଭିଲ କୋର୍ଟର ରେଜିଷ୍ଟାର ଶ୍ରୀ ଦୀପ, ଫେମିଲି ଜଜ୍ ପ୍ରମୁଖ ଉପସ୍ଥିତ ଥିଲେ । ଲୋକ ମହୋତ୍ସବ ରେ ଆଗତ ସାଧାରଣ ଲୋକଙ୍କୁ ନିଶୁଳ୍କ ଆଇନ ସଚେତନତା, ମହିଳା, ଶ୍ରମିକ, ବୃଦ୍ଧ, ଶିଶୁ ଓ ଅନ୍ୟାନ୍ୟ ଅସହାୟ ବର୍ଗଙ୍କ ଆଇନଗତ ସୂଚନା ପ୍ରଦାନ କରିବା ଏହି ଷ୍ଟଲର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମଧ୍ୟପ୍ରାଚ୍ୟରେ ଯୁଦ୍ଧର କଳା ବାଦଲ...

ସାମରିକ ସରଞ୍ଜାମ, ବିମାନବାହୀ ଜାହାଜ ଏବଂ ଯୁଦ୍ଧବିମାନ ପଠାଇବା ପ୍ରକ୍ରିୟା ଜାରି ରଖିଥିବାରୁ ଇରାନ ଉପରେ ଯେକୌଣସି ସମୟରେ ଅତର୍କିତ ଆକ୍ରମଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଆମେରିକା ପ୍ରତିରକ୍ଷା ବିଭାଗ (ପେଣ୍ଟାଗନ୍) ସୂଚନା ଦେଇଛି ଯେ, ୟୁଏସ୍‌ଏସ୍ ଆବ୍ରାହମ୍ ଲିଙ୍କନ୍ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍‌କୁ ପ୍ରଶାନ୍ତ ମହାସାଗରରୁ ହଟାଇ ମଧ୍ୟପ୍ରାଚ୍ୟ ଅଭିମୁଖେ ପଠାଯାଇଛି। ଏହା ସହିତ ଏକାଧିକ ଏଫ୍-୧୫ଇ ଯୁଦ୍ଧବିମାନ ବ୍ରିଟେନରୁ ଜୋର୍ଡାନକୁ ପଠାଯାଇଛି। ଆଗାମୀ ଦିନରେ ଏଫ୍୧୬ ଏବଂ ଏ-୧୦ ଆଟାକ୍ ଏୟାରକ୍ରାଫ୍ଟ ମଧ ଏହି ଅଞ୍ଚଳରେ ମୁତୟନ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ତେହେରାନ ଉପରେ ଆମେରିକା ଅତି ଅପ୍ରତ୍ୟାଶିତ ଢଙ୍ଗରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ଆଶଙ୍କା କରି ଇସ୍ରାଏଲ ମଧ ଯୁଦ୍ଧ ପ୍ରସ୍ତୁତି ଚଳାଇଛି।

### ସିଡିଏରେ ଜମି ଜାଲିଆତି ! ...

ଅନ୍ୟପଟେ କହିଛନ୍ତି, ସେମିତି କିଛି କରାଯାଇନି, ପିପିପି ମୋଡ୍‌ରେ ଜମି ଦିଆଯାଇଛି ।
ଜମି ଜାଲିଆତିକୁ ନେଇ ସାରାରାଜ୍ୟରେ ହଟଚମଟ ସୃଷ୍ଟି ହୋଇଥିବାବେଳେ, ସିଡିଏ ସଚିବଙ୍କ ଅଜବ ଯୁକ୍ତି ସନ୍ଦେହକୁ ବଢ଼ାଇ ଦେଇଛି । ସତ ପଚାରିବାରୁ ଚିଡିଯାଇ ବୁମ୍ ଠେଲି ଦେବା ସହ କହିଥିଲେ ଆରଟିଆଇରେ ତଥ୍ୟ ମାଗନ୍ତୁ । ସଚିବଙ୍କ ଏଭଳି ଯୁକ୍ତିକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ବିଜେଡି ନେତା ସନ୍ତୃପ୍ତ ମିଶ୍ର କହିଛନ୍ତି, କେବଳ ସିଡିଏ ନୁହେଁ, ସବୁଠି ଚାଲିଛି ଦୁର୍ନୀତି । କଂଗ୍ରେସ ବି କଟାକ୍ଷ କରିଛି । ସତ ପଦାକୁ ନଆସିଲେ ଆଗାମୀ ଦିନରେ ସିଡିଏ ଘେରାଉ ଚେତାବନୀ ଦେଇଛି । ସିଡିଏ ଜମିକୁ ଜାଲିଆତି କରି ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେକି ଦେବା ଅଭିଯୋଗ ଆସିବା ପରେ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି । କାହା ସ୍ୱାର୍ଥରେ ଏତେ ମୂଲ୍ୟବାନ ଜମିକୁ ଟେକିଦେଲେ ସିଡିଏ କର୍ତ୍ତୃପକ୍ଷ ଟେଣ୍ଡର ନିୟମକୁ କାହିଁକି ଅଣଦେଖା କରାଯାଇଛି ? କର୍ତ୍ତୃପକ୍ଷଙ୍କ ବିରୋଧରେ କାହିଁକି ହେବନି କାର୍ଯ୍ୟାନୁଷ୍ଠାନ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

### ମଧ୍ୟପ୍ରଦେଶର ଧାରରେ ଭୋଜଶାଳାରେ...

ଯେତେବେଳେ ଉଭୟ ଗୋଟିଏ ଦିନରେ ପଡ଼ନ୍ତି, ପରିସ୍ଥିତି ସମ୍ବେଦନଶୀଳ ହୋଇଯାଏ। ଏହା ୧୦ ବର୍ଷ ପରେ ଘଟୁଥିବା ଏକ ବିରଳ ସଂଯୋଗ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଛି। ପ୍ରାୟ ୮,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି, କୌଣସି ବିଭ୍ରାଟକୁ ରୋକିବା ପାଇଁ ସିସିଟିଭି କ୍ୟାମେରା, ଡ୍ରୋନ୍ ଏବଂ ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସମଗ୍ର ଅଂଚଳ ଉପରେ ନଜର ରଖାଯାଇଛି।

## ଅବହେଳିତ ଅବସ୍ଥାରେ ମା କୁଶଙ୍ଗାଇ ମନ୍ଦିର

ବଲାଙ୍ଗୀର,୨୩/୦୧(ନି.ପ୍ର) : ଲୋଇସିଂହା ବ୍ଲକ କୁଶଙ୍ଗସ୍ଥିତ ମା'କୁଶଙ୍ଗାଇ ମନ୍ଦିର ଅବହେଳିତ ଅବସ୍ଥାରେ ପଡ଼ିରହିଛି। ମନ୍ଦିର ଉପରେ ଗଛ ଉଠିଥିବାବେଳେ ଏହାର ରଙ୍ଗଛାଡ଼ି ମଳିନ ଦିଶୁଛି। ଏହାର ମରାମତି ଓ ସାଜସଜ୍ଜା ପାଇଁ ଗାଁ ଲୋକେ ବାରମ୍ବାର ଦାବି କରୁଥିଲେ ହେଁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ବଲାଙ୍ଗୀର ଜିଲ୍ଲାର ଏକ ପ୍ରସିଦ୍ଧ ଶକ୍ତିପୀଠ ମଧ୍ୟରୁ ମା' କୁଶଙ୍ଗାଇ ଅନ୍ୟତମ। ମା'ଙ୍କ ଆସ୍ଥାନ ରହିଥିବା ମନ୍ଦିର ବହୁ ପୁରୁଣା ଅଟେ। ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର ଓ ପାଇକମାଳ ନିକଟସ୍ଥ ନୃସିଂହନାଥ ମନ୍ଦିର ଶୈଳୀ ଏହା ସହିତ ସାମଞ୍ଜସ୍ୟ ରହିଛି। ବିଭିନ୍ନ ପର୍ବରେ ମା'ଙ୍କ ପୀଠ ଚଳଚଂଚଳ ହୋଇଉଠେ। ମା'ଙ୍କ ଦର୍ଶନ ପାଇଁ ସ୍ଥାନୀୟ ଲୋକଙ୍କ ସହ ଜିଲ୍ଲା ଓ ରାଜ୍ୟ ବାହାରୁ ବହୁ ଭକ୍ତ ଏଠାକୁ ଆସୁଛନ୍ତି। କିନ୍ତୁ ମନ୍ଦିରର ଉନ୍ନତିକରଣ ପାଇଁ ପ୍ରଶାସନ ଧ୍ୟାନ ଦେଉନାହିଁ। ମା'କୁଶଙ୍ଗାଇ ଅଧିଷ୍ଠିତ ଥିବା ମୁଖ୍ୟ ମନ୍ଦିରରେ ବହୁ ପିପ୍ପଳ ଗଛ ଉଠିଛି। ଯାହା ଆଗକୁ ମନ୍ଦିରରେ ଫାଟ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଥିସହ ଏହି ମନ୍ଦିରର ରଙ୍ଗ ଛାଡ଼ି ଧୀରେଧୀରେ କଳା ପଡ଼ିଗଲାଣି। ଏସବୁ ଦେଖି ସ୍ଥାନୀୟ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଲୋକଙ୍କ ସୂଚନା ଅନୁଯାୟୀ, ପ୍ରାୟ ୩୦ ବର୍ଷ ପୂର୍ବରୁ ଏହି ମନ୍ଦିରର ମରାମତି ଓ ରଙ୍ଗ ହୋଇ ହୋଇଥିଲା। ଏହା ପରଠାରୁ ଅବହେଳିତ ଅବସ୍ଥାରେ ମନ୍ଦିର ପଡ଼ିରହି ରହିଛି। ସ୍ଥାନୀୟ ପ୍ରଶାସନ ମନ୍ଦିରର ଉନ୍ନତିକରଣ ପାଇଁ ଚେଷ୍ଟା କରିବାର ଅବଶ୍ୟକତା ରହିଛି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଏଆଇଡିଏସଓ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଜୟନ୍ତୀ ପାଳିତ




ବାରିପଦା,୨୩/୦୧(ନି.ପ୍ର) : ଏଆଇଡିଏସଓ (ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ) ମୟୁରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ଆପୋଷହୀନ ଧାରାର ବଳିଷ୍ଠ ତମ ଅଭିବ୍ୟକ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ମୟୁରଭଞ୍ଜ ଜିଲ୍ଲାର ର ବିଭିନ୍ନ ସ୍ଥାନରେ ପାଳନ କରାଯାଉ ଥିବା ବେଳେ ବାରିପଦା ସ୍ଥିତ ପୂର୍ଣଉୟା ମହିଳା ଛାତ୍ରୀ ନିବାସ ଏବଂ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ରେ ପାଳନ କରାଯାଇଛି । କିଛି ହାଇ ପ୍ରୋଫାଇଲ୍ ଅତିଥିଙ୍କ ଆସିବା କାରଣରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ କୁ ସାଧାରଣ ଲୋକ ଯିବାର କଟକଣା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ, ଏହାକୁ ସଂଗଠନ ପକ୍ଷରୁ କଡା ନିନ୍ଦା କରୁଛୁ । ନେତାଜୀଙ୍କୁ ଏହା ପ୍ରକୃତ ସମ୍ମାନ ନୁହେଁ । ସ୍ୱାଧୀନତାର ୭୮ ବର୍ଷ ପରେ ମଧ ଆଜି ଅନ୍ଧକାର ମୟ ପରିବେଶ ରେ ଆମେ ବାସ କରୁଛୁ, ଇଂରେଜ ହଟିଗଲେ କିନ୍ତୁ ଶାସନ ସେହି ପୂର୍ବ ଭଳି ହିଁ ଜାରି ରହିଛି । ସଠିକ୍ ଶିକ୍ଷା ନୀତି ଲାଗୁ ନ ହେବା ଫଳରେ ଜ୍ଞାନର ଆଲୋକ ସଠିକ୍ ସ୍ଥାନରେ ପହଞ୍ଚି ପାରୁ ନାହିଁ, ଦିବା ଲୋକରେ ନାରୀ ଛାତ୍ରୀ ସୁରକ୍ଷିତ ନାହାନ୍ତି, ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ଛାତ୍ର ଯୁବକ ସହିତ ଜନଗଣଙ୍କର ସମସ୍ୟା ପ୍ରତିଦିନ ବଢ଼ି ଚାଲିଛି । ନେତାଜୀଙ୍କର ଅପୂରିତ ସ୍ୱପ୍ନ ଆଜି ବି ପୁରା ହୋଇନାହିଁ, ଦେଶର ବର୍ତ୍ତମାନର ସ୍ଥିତି ଯଦି ଦେଖିବା ଘୋର ସଙ୍କଟରେ ଅଛି ଏହି ସମୟରେ କିନ୍ତୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଜୀବନ ସଂଗ୍ରାମ ପ୍ରଚାର ବହୁ ଆବଶ୍ୟକ । ବର୍ତ୍ତମାନ ସମୟରେ ଛାତ୍ର ସମାଜକୁ ସେହି ଭଳି ଚରିତ୍ର ଅର୍ଜନ କରିବା ସହିତ ନେତାଜୀଙ୍କର ଜୀବନ ସଂଗ୍ରାମ ରୁ ଶିକ୍ଷା ନେଇ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ସଂଗଠନର ମୟୁରଭଞ୍ଜ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ସଦସ୍ୟ ମାନସିଂ ହୋ, ବିନୋଦ ନାୟକ,ବାପୁନୁ ବାନରା, ଗୋବିନ୍ଦ ମୁଣ୍ଡାରୀ, ପୂର୍ଣ୍ଣ ଚନ୍ଦ୍ର ବାଙ୍କିରା, ସଦସ୍ୟା ବୁଦୁନି ବାନରା, ଜୟନ୍ତୀ ପୂର୍ତ୍ତି,ଦ୍ରୌପଦୀ ପିଙ୍ଗୁଆ ଏବଂ ମହିଳା କଲେଜ କମିଟି ସଭାପତି ପାର୍ବତୀ ମୁଣ୍ଡା ଲୋହାର, ସହ ସଂପାଦିକା ବାସନ୍ତୀ ଶୀଙ୍କୁ ପ୍ରମୁଖ ।

# ବୈଶିଙ୍ଗା ହନୁମାନ ମନ୍ଦିରର ତୃତୀୟ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସମ୍ପନ୍ନ



ବୈଶିଙ୍ଗ,୨୩/୦୧(ନି.ପ୍ର) : ଚଳିତ ମାଘମାସ ୮ ଦିନ ଇଂରାଜୀ ତା -୨୧-୧-୨୦୨୬ ରିଖ ମଙ୍ଗଳବାର ଦିନ କେନ୍ଦୁଆ ପଞ୍ଚାୟତର ବୈଶିଙ୍ଗା ବଜାର ଶ୍ରୀ ଶ୍ରୀ ହନୁମାନ ବାଟିକା ର ତୃତୀୟ ବାର୍ଷିକ ଉତ୍ସବ ନୀତି ନିୟମ ଅନୁସାରେ ସ୍ଥିର କରାଯାଇଛି । ଚାରି ବେଦର ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ, କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ, ତଥା ପ୍ରବଚନ ଏବଂ ଅନ୍ନଦାନ ର ବ୍ୟବସ୍ଥା କରାଯାଇଥିଲା । ଶତାଧିକ ମହିଳା/ପୁରୁଷ ଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇ ଶୋଭାଯାତ୍ରାରେ ମନ୍ଦିର ସ୍ଥଳ କୁ ଅଣାଯିବାର ବ୍ୟବସ୍ଥା କରାଯାଇଥିଲା । ମନ୍ଦିର କମିଟି ତରଫରୁ ସବିନୟ ଅନୁରୋଧ ଆପଣ ସପରିବାର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶ୍ରୀ ରାମ ଓ ହନୁମାନଙ୍କ ଆଶିର୍ବାଦ କୃପା ଲାଭ କରିବା ପାଇଁ ହନୁମାନ ବାଟିକା କମିଟି ତରଫରୁ ନିବେଦନ କରାଯାଇଥିଲା । ଆଜି ଦ୍ୱିତୀୟ ଦିନରେ ଶହ ଶହ ହନୁମାନ ଭକ୍ତ ଦିନ ତମାମ ପୂଜାର୍ଚ୍ଚନା କରିଥିବାର ଦେଖାଯାଇଥିଲା । ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁ କାନିକା ପ୍ରସାଦ ସେବନ କରି ଥିବାର ଦେଖିବାକୁ ମିଳିଥିଲା ।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ

ପୁରୀ, ୨୩/୦୧ (ନି.ପ୍ର) -ପୁରୀ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଆନୁକୂଲ୍ୟରେ ବେଟୀ ବଚାଓ ବେଟୀ ପଢ଼ାଅ ତଥା ମିସନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଅଧୀନରେ 'ଜାତୀୟ କନ୍ୟା ସନ୍ତାନ ସପ୍ତାହ-୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି । ପୁରୀ ମହିଳା ମହାବିଦ୍ୟାଳୟ ଏବଂ ଉତ୍କଳ ବାଳାଶ୍ରମ ପରିସରରେ ଆୟୋଜିତ ଦୁଇଟି ପୃଥକ କାର୍ଯ୍ୟକ୍ରମରେ କନ୍ୟା ସନ୍ତାନମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସମ୍ମାନଜନକ ଜୀବନ ଉପରେ ଗୁରୁତ୍ୱାରୋପ କରାଯାଇଛି । ଉତ୍କଳ ବାଳାଶ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନ ମାନଙ୍କର ଅଧିକାର ସୁରକ୍ଷା ପାଇଁ ଯତ୍ନବାନ୍ ହେବାକୁ ଆହ୍ୱାନ ଦେଇଥିଲେ । କନ୍ୟାସନ୍ତାନ ମାନଙ୍କୁ ଅଗ୍ରାଧିକାର ଭିତିରେ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସହଭାଗୀ କରାଇବାକୁ ମତ ପ୍ରକାଶ କରିଥିଲେ । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ-ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଡକ୍ଟର ଅଜିତ କୁମାର ମହାପାତ୍ର, ସଦସ୍ୟ ଦେବଯାନୀ ହିମାଂଶୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଟେକ୍ସନ ଅଫିସର ଚନ୍ଦ୍ରପ୍ରଭା ଦେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନଙ୍କ ଅଧିକାର ଓ ସରକାରୀ ଯୋଜନା ବିଷୟରେ ଶିଶୁ ଓ କର୍ମକର୍ତାମାନଙ୍କୁ ସଚେତନ କରାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୁରୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ବିଶ୍ୱନାଥ ବଳିୟାରସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ ସଂଯୋଜକ କୃଷ୍ଣ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ବାଳାଶ୍ରମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା, କ୍ରୀଡା, ସମାଜସେବା, ନେତୃତ୍ୱ ଆଦି ଅନନ୍ୟ ପ୍ରତିଭା କ୍ଷେତ୍ରରେ ପାରଦର୍ଶୀତା ଅର୍ଜନ କରିଥିବା ପୁରୀ ଜିଲ୍ଲାର ୨୦ ଜଣ ବାଳିକାଙ୍କୁ ଟ୍ରଫି ସାର୍ଟିଫିକେଟ ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା କ୍ଷ ଏହାଛଡ଼ା ପୁରୀ ଜିଲ୍ଲାର ବାଳିକା ଅନ୍ତେବାସୀ ରହୁଥିବା ଶିଶୁ ଯତ୍ନ ଅନୁଷ୍ଠାନରେ କନ୍ୟା ସନ୍ତାନ ସପ୍ତାହ ପାଳନ ଅବସରରେ ବକ୍ତୃତା, ସଙ୍ଗୀତ, ଏକକ ଅଭିନୟ, ନୃତ୍ୟ, ଯୋଗ ଆଦି ପ୍ରତିଯୋଗୀତା ଆୟୋଜନ କରାଯାଇ ପୁରସ୍କାର ବିତରଣ କରାଯାଉଛି କ୍ଷ ଚାଇଲ୍ଡ ହେଲ୍ପଲାଇନ ୧୦୯୮ର ସଂଯୋଜକ କୃଷ୍ଣଚନ୍ଦ୍ର ମିଶ୍ର ଶିଶୁଙ୍କ ଜରୁରୀକାଳୀନ ସେବା ଓ ପୁନର୍ବାସ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ପ୍ରଚାର ପତ୍ର ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ବାଳିକା ଅଂଶଗ୍ରହଣ କରିଥିଲେ । ସେମାନେ ରାଲିରେ ଯୋଗ ଦେବା ସହିତ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରୋଜାଲିନ ପାତ୍ର, ହରେକୃଷ୍ଣ ସାହୁ, ପ୍ରିୟଙ୍କା ପ୍ରଧାନ, ସୂର୍ଯ୍ୟକାନ୍ତ ପଣ୍ଡା ଏବଂ ଭବାନୀ ଶଙ୍କର ପଲେଇ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# କାପୁଡ଼ିଆ ସମାଜର ରାଜ୍ୟ ସମ୍ମିଳନୀ ୨୪ ରୁ ଆରମ୍ଭ

ଭୁବନ,୨୩/୦୧(ନି.ପ୍ର) : ଢ଼େଙ୍କାନାଳ ଜିଲ୍ଲା ଭୁବନର ସର୍ବାଧିକ ଜନ ବହୁଳ ଜାତି/ ସମ୍ପ୍ରଦାୟ 'କାପୁଡିଆ ସମାଜ ' ର ରାଜ୍ୟ ସମ୍ମିଳନୀ ଜାନୁୟାରୀ ୨୪ ଓ ୨୫ ଦୁଇ ଦିନ ଧରି ସ୍ଥାନୀୟ ବୁଢେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେବ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା କାପୁଡିଆ ସମାଜର ଜିଲ୍ଲା ସଭାପତି, ଗ୍ରାମ ସଭାପତି ଓ ଯୁବ ବର୍ଗ, ମାତୃ ମଣ୍ଡଳୀ ତଥା ବୁଦ୍ଧିଜୀବୀ ମାନେ ଏଥିରେ ଅଂଶଗ୍ରହଣ କରିବେ । ଏହି ସମ୍ମିଳନୀରେ ସମାଜର ନୀତି ନିୟମ, ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯିବ ଏବଂ ରାଜ୍ୟ ସ୍ତରୀୟ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ । ଏହି ଅବସରରେ କାପୁଡିଆ ସମାଜର ମୁଖପତ୍ର ' ତାଳଧ୍ୱଜ' ଉନ୍ମୋଚନ କରାଯିବ ବୋଲି ରାଜ୍ୟ ସଭାପତି ଆଇନଜୀବୀ ନବ କିଶୋର ଗୁରୁଙ୍କ ସମେତ ଜିଲ୍ଲା ସଭାପତି ରାମଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ଭାସ୍କର ନାୟକ ଜଣାଇବା ସହିତ ରାଜ୍ୟ ସମ୍ମିଳନୀର ସଫଳତା କାମନା କରିଛନ୍ତି । ପ୍ରକାଶ ଥାଉକି, କାପୁଡିଆ ସମାଜର ପ୍ରଥମ ରାଜ୍ୟ ସମ୍ମିଳନୀ ୨୦୧୦ ମସିହାରେ ପୂର୍ବତନ ସଭାପତି ରାମକୃଷ୍ଣ ପୋଥାଳଙ୍କ ନେତୃତ୍ୱରେ ପୁରୀ ଗୋବର୍ଦ୍ଧନ ମଠରେ ଅନୁଷ୍ଠିତ ହୋଇଥିଲା । ଜଗତଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏହି ସମ୍ମିଳନୀକୁ ଉଦଘାଟନ କରି ମାର୍ଗଦର୍ଶନ କରିଥିଲେ ।

# ନେତାଜୀ ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତି ପାଳିତ

ବସ୍ତା,୨୩/୦୧(ନି.ପ୍ର): ଶୁକ୍ରବାର ଦିନ ଦରଡା ସ୍ଥିତ ବାବା ଆଖଣ୍ଡଳମଣୀ ଯୁବ ସେବା ସଂସଦ (BAYSS) ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋସ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତି ଉତ୍ସାହପୂର୍ଣ୍ଣ ଭାବେ ପାଳନ କରାଯାଇଛି। ଏହି ଅବସରରେ ସଂଗଠନର ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାନ୍ତି, ସମ୍ପାଦକ ଶ୍ରୀଯୁକ୍ତ ଗଜେନ୍ଦ୍ର ନାଥ ପ୍ରଧାନଙ୍କ ସହ ଅରୁଣ କୁମାର ଦାସ, ନୀଳାମ୍ବର ଭକ୍ତା, ରତନୀ ବିନ୍ଧାଣୀ, କାର୍ତ୍ତିକ ଚନ୍ଦ୍ର ଜେନା, ରବୀନ୍ଦ୍ର ପରିଡ଼ା ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ପ୍ରଦୀପ କୁମାର ମହାନ୍ତି ଓଡ଼ିଶାର ଏହି ଦୁଇ ମହାନ ବୀର ପୁତ୍ରଙ୍କ ବୀରତ୍ୱ, ତ୍ୟାଗ ଓ ଦେଶପ୍ରେମ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ପରେ ଉପ-ସଭାପତିଙ୍କ ଧନ୍ୟବାଦ ଜ୍ଞାପନ ସହିତ ସଭାର ସମାପ୍ତି ଘୋଷିତ କରିଲେ।

# ସାଧାରଣତନ୍ତ୍ର ଦିବସ ଅବସରରେ ଖେଳକୁଦ ପ୍ରତିଯୋଗିତା



ବାରିପଦା,୨୩/୦୧(ନି.ପ୍ର) : ସ୍ଥାନୀୟ ପୋଲିସ ପଡିଆରେ ୭୭ ତମ ସାଧାରଣତନ୍ତ୍ର ଦିବସ ଅବସରରେ ମା କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ୧ମ ରୁ ୫ମ ଶ୍ରେଣୀର କୁନିକୁନି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ପୋଲିସ ଆର ଆଇ ଆଲୋକ କୁମାର କାନୁନଗୋ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ କୁନିକୁନି ପିଲାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଫୁଟବଲ ସମ୍ପାଦକ ଅମର କୁମାର ସେଠି, ପୋଲିସ ସର୍ଜଣ୍ଟ ଗୌତମ ପ୍ରଧାନ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ଓଡିଶା ଭଲିବଲ ଏସୋସିଏସନର ଉପ ସଭାପତି ମନୋରଞ୍ଜନ ଜୀଉ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ଜିଲ୍ଲା ହାବିଲଦାର ଓ କନଷ୍ଟେବଲ ସଂଘର ସମ୍ପାଦକ ସ୍ୱରାଜ କୁମାର ରାଜ ଓ ହାବିଲଦାର ଦୀପକ କୁମାର ମୁଣ୍ଡା ପ୍ରମୁଖ ଯୋଗଦେଇ କୁନି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ ଓ ପିଲାମାନଙ୍କ ମଧ୍ୟରେ ଦେଶାତ୍ମକ ଗୀତ, ମ୍ୟୁଜିକ ଚେୟାର, ଧୀର ଚାଲି, ଏକ ଗୋଡ଼ିଆ ଦୌଡ଼, ଥ୍ରୋ ଦି ବଲ, ବେଙ୍ଗ ଡିଆଁ, ପଛ ଦୌଡ଼, ୫୦ ମିଟର ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଦିବ୍ୟଜ୍ୟୋତି ଜୀଉ, ହିମାନୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମେଘା ପ୍ରିୟଦର୍ଶିନୀ ଦାସ, ଶୁଭ୍ରାଂଶୁ ପାତ୍ର, ବିଭୁତି ଚନ୍ଦନ ରାଜ, ଆୟୁଷ ପାଲ, ମହେନ୍ଦ୍ର ନାଥ ହାଁସଦା, ପ୍ରତ୍ୟୁଷ ଦାଶ ଓ ଓମ ପ୍ରକାଶ ହେମ୍ବ୍ରମ ସହଯୋଗ କରିଥିଲେ ଓ ସାଧାରଣତନ୍ତ୍ର ଦିବସ ସନ୍ଧ୍ୟାରେ ସହିଦ ସ୍ମୃତି ଭବନରେ ଜିଲ୍ଲା ପ୍ରଶାସନ ଦ୍ୱାରା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ।

# ଆସନ୍ତା ୨୫ରେ ଭଦ୍ରକ ଜିଲା ସତ୍‌ସଙ୍ଗ ମହୋତ୍ସବ 'ଧୃତି ସନ୍ଦୀପନା'




ଭଦ୍ରକ,୨୩/୦୧(ନି.ପ୍ର) : ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଅଶେଷ ଦୟା ଓ କରୁଣା ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କ ଶୁଭ ଆଶୀର୍ବାଦ ଓ ପୂଜ୍ୟ ଶ୍ରୀ ଅବିନ ଦା' ଙ୍କ ଐଶୀ ପ୍ରେରଣାକୁ ପାଥେୟ କରି ଆସନ୍ତା ୨୫ ତାରିଖ ରବିବାର ଦିନ ଭଦ୍ରକ ଆରଡି ରାସ୍ତାର ମା' ସାତଭଉଣୀ ମନ୍ଦିର ପାର୍ଶ୍ୱବତୀ ଖେଳପଡିଆରେ ଭଦ୍ରକ ଜିଲାସ୍ତରୀୟ ସତସଙ୍ଗ ମହୋତ୍ସବ 'ଧୃତି ସନ୍ଦୀପନା' ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ମଧ୍ୟରେ ମହା ଆଡମ୍ବରରେ ପାଳିତ ହେବାକୁ ଯାଉଛି ବୋଲି ଆଜି ଉତ୍ସବ କମିଟିର କର୍ମକର୍ତାମାନେ ଭଦ୍ରକର ସତସଙ୍ଗ ବିହାର ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ଣ୍ଣଚନ୍ଦ୍ର ନାୟକ, ନନ୍ଦଦୁଲାଲ ଦାସ, ନବକିଶୋର ପତି, ଧରଣୀଧର ସ୍ୱାଇଁ, ସୁରଥ ମଲ୍ଲିକ, ଗୋକୁଳାନନ୍ଦ ସ୍ୱାଇଁ, ସୁଦର୍ଶନ ବାରିକ, ପ୍ରଦୀପ କୁମାର ଲେଙ୍କା, ବସନ୍ତ କୁମାର ବଳ ପ୍ରମୁଖ ସୂଚନା ଦେଇଛନ୍ତି। ଯୁଦ୍ଧ ବିଗ୍ରହ ମଧ୍ୟରେ ଧ୍ୱଂସାବିମୁଖୀ ଏ ପୃଥିବୀ ଯେଭଳି ସନ୍ତ୍ରସ୍ତ ଆତ୍ମସ୍ୱାର୍ଥ ତଥା ଆତ୍ମପ୍ରତିଷ୍ଠାର ଗଣ୍ଡିବଦ୍ଧ ପ୍ରତ୍ୟେକଟି ମଣିଷ ଆଜି ଜୀବନର ପ୍ରକୃତ ଉଦ୍ଦେଶ୍ୟ ଭୁଲିଯାଇଛି। ଜୀବନର ଆଦିମ ଆକାଂକ୍ଷା ହେଲା ବିବର୍ତନରେ ବିବର୍ତିତ ହୋଇ ବିବର୍ତନ ପଥରେ ଭଲରେ ବଂଚିବା। ସୁଖଶାନ୍ତି ଓ ଆନନ୍ଦରେ ଜୀବନକୁ ଉପଭୋଗ କରିବା। ତେଣୁ ଅଣ ସଂପ୍ରଦାୟିକ ଚିନ୍ତା ଚେତନାର ଉର୍ଦ୍ଧ୍ୱରେ ରହି ଅନ୍ୟକୁ ବଂଚାଇ ନିଜେ ବଂଚିବା ଅର୍ଥ ଧର୍ମ ଆଚରଣ କରି ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ସାକାର କରିବା ପଥରେ ଅଗ୍ରସର ହେବା। ଏହି ବାର୍ତା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଂଚାଇବା ପାଇଁ ଏହି ମହାନ୍ ଉତ୍ସବଟି ପାଳିତ ହେବାକୁ ଯାଉଛି ବୋଲି କର୍ମକର୍ତାମାନେ କହିଛନ୍ତି। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିନା ଦେୟରେ ନ୍ୟାୟିକ ପରାମର୍ଶ, କେରିୟର କାଉନ୍‌ସେଲିଂ, ଡାକ୍ତରୀ ପରାମର୍ଶ ଓ ଚିକିତ୍ସା ଭଳି ସେବା ପ୍ରଦାନର ବ୍ୟବସ୍ଥା ରହିଛି। ଦିବସବ୍ୟାପୀ ଏହି ଉତ୍ସବରେ ପ୍ରାୟ ୨୦ ହଜାର ଭକ୍ତଙ୍କର ସମାବେଶ ଆଶା କରାଯାଉଛି। ଏତଦ୍‌ବ୍ୟତୀତ ସାଂସ୍କୃତିକ, ସଂଗୀତ ଭିତିକ କାର୍ଯ୍ୟକ୍ରମ ସହ ଯାଜନର ବ୍ୟବସ୍ଥା କରାଯାଇଛି। ଏହି ଉତ୍ସବରେ ପଡୋଶୀ ଜିଲାମାନଙ୍କରୁ ମଧ ବହୁ ଭକ୍ତଙ୍କର ଆଗମନ ଫଳରେ ପ୍ରଥମକରି ଜିଲା ଉତ୍ସବ ଭାବେ ପାଳିତ ଏହି ସମାବେଶରେ ଅନୁଗାମୀ ବହୁ ଶ୍ରଦ୍ଧାଳୁ ଯୋଗଦେବାକୁ କର୍ମକର୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଛନ୍ତି।

ଶନିବାର, ୨୪ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଲକ୍ଷ୍ମୀ ନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୨୩/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ବାଣପୁର ଗ୍ରାମରେ ଲକ୍ଷ୍ମୀ ନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ମନ୍ଦିରର ପ୍ରତିଷ୍ଠାତା ଭରତ ଧର, ସୁଲୋଚନା ଧର, ମନୋଜ କୁମାର ଧର ପ୍ରମୁଖ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ବ୍ରାହ୍ମଣ ପୁରୋହିତ ଯଜ୍ଞ ଓ ମନ୍ତ୍ର ପାଠ କରିଥିଲେ। ସମାଜର ମଙ୍ଗଳ ପାଇଁ ଓ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ସମସ୍ତ କାର୍ଯ୍ୟ ନୀତି କାନ୍ତି ଅନୁଯାୟୀ ହୋଇ ଥିଲା । ଏହି ଅବସରରେ ଭକ୍ତ ବନ୍ଧୁ ମାନେ ଅଷ୍ଟ ପ୍ରହରୀ ନାମ ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ ଗାନ କରିଥିଲେ। ଏହି ଉତ୍ସବରେ ସମାଜସେବୀ ବିଷ୍ଣୁ ମୋହନ ଧର, ନାରୀ କବି କାମିନୀ ଲତା ଧର,ସାହିତ୍ୟିକ ତଥା ଡାକ୍ତର ନରେନ୍ଦ୍ର ପ୍ରସାଦ ସାହୁ, ଶିକ୍ଷାବିତ ଦିବାକର ନାୟକ,ନରସିଂହପୁର ସୁପ୍ରିମ କ୍ଲବ ର ମୁଖ୍ୟ ରବୀନ୍ଦ୍ର କୁମାର ପଣ୍ଡା, ଆମ ଗାଁ ସାହିତ୍ୟ ପତ୍ରିକାର ସମ୍ପାଦକ କବି ରତ୍ନାକର ପଣ୍ଡା, ସ୍ଥାନୀୟ ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା,ଗଜେନ୍ଦ୍ର ପାତ୍ର, ବସନ୍ତ କୁମାର ପଣ୍ଡା,ସମାଜସେବୀ କମଳାକାନ୍ତ ବେହେରା, ସମିତି ସଭ୍ୟା ଙ୍କ ପ୍ରତିନିଧି ବଳିଆ ଭୋଇ, ଶଶଧର ପଣ୍ଡା, ଜୀବନ କୃଷ୍ଣ ପଣ୍ଡା, ଲକ୍ଷ୍ମଣ ଧର, ମଣିରାମ ଧର, ହେମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବହୁ ସଂଖ୍ୟାରେ ଭକ୍ତ ବନ୍ଧୁ, ଜନ ସାଧାରଣ ଓ ଗ୍ରାମବାସୀ ଯୋଗ ଦେଇଥିଲେ ଓ ସହଯୋଗ କରିଥିଲେ। ସମସ୍ତେ ମନ ଆନନ୍ଦରେ ପ୍ରସାଦ ସେବନ କରିଥିଲେ



ଏବଂ ଏହି ସୁନ୍ଦର ଆଧାତ୍ମିକ ପରିବେଶରେ ମନ୍ତ୍ର ମୁଗ୍ଧ ହୋଇଥିଲେ।

# ମାଲ ପରିବହନ ଟ୍ରେନ ଲାଇନଚ୍ୟୁତ



ବସ୍ତା ୨୩/୧: (ନିପ୍ର) -ମାଲବାହୀ ଟ୍ରେନ ଲାଇନଚ୍ୟୁତ । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଦକ୍ଷିଣ ପୂର୍ବ ରେଳପଥର ରୁପସା ଜଙ୍କସଂନ ରେଳ ଷ୍ଟେସନର ଚତୁର୍ଥ ଲାଇନରେ ଲାଇନଚ୍ୟୁତ ହୋଇଛି ମାଲବାହୀ ଟ୍ରେନ, ଷ୍ଟେସନରେ ମାଲଗୋଦାମରେ ସିମେଣ୍ଟ ମାଲ ଅନଲୋଡ କରି ଯାଉଥିବା ବେଳେ ଅଘଟଣ ଘଟିଥିଲା । ଖବର ପାଇ ଘଟଣା ସ୍ଥଳରେ ରେଳ ବିଭାଗର ବରିଷ୍ଠ ଅଧିକାରୀ ପହଞ୍ଚି ତଦାରଖ କରିବା ସହ ମରାମତି କରିଥିଲେ, ତେବେ କେଉଁ କାରଣରୁ ଲାଇନଚ୍ୟୁତ ହୋଇଛି କାରଣ ଅସ୍ପଷ୍ଟ ରହିଥିଲା । ଅନ୍ୟ ତିନୋଟି ଲାଇନ୍‌ରେ ଗାଡି ଚଳାଚଳ ସ୍ୱାଭାବିକ ଭାବେ ଚାଲୁ ରହିଥିଲା ।

# ୧୬ତମ ଜାତୀୟ ମତଦାତା ଦିବସ ପାଳିତ




କୁପାରି, ତା ୨୩/୧ : ସଂପ୍ରତି କୁପାରି ସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ବିଭାଗର ମିଳିତ ଆନୁକୂଲ୍ୟରେ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଯୁଧିଷ୍ଠିର କୁଅଁର ଭୋଟର ମୂଲ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଶେଷରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶିତ ଭୋଟ ନିମନ୍ତେ ଶପଥ ପାଠ କରାଯାଇଥିଲା। ଉକ୍ତ ସଭାରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା,ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଚାନ୍ଦମଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଲଙ୍ଗଳେଶ୍ୱର ୨୩/୧(ନି.ପ୍ର) ବାଲିଆପାଳ ବ୍ଲକ ଚାନ୍ଦମଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭାଗବତ ଜେନା ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷାବିତ ରବିନ୍ଦ୍ର ନାଥ ପାଣିଗ୍ରାହୀ ଉଦଘାଟକ ଭାବରେ ଯୋଗଦେବା ସହିତ ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଶୃଙ୍ଖଳିତ ଓ ଭଲ ମଣିଷ ଗଠନ କରିବା ପାଇଁ ବାପା ମାଆ - ଶିକ୍ଷକଙ୍କ ଭୂମିକା ଉପରେ ଗଠନ ମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମନୀତ ଅତିଥି ଭାବରେ ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ଜେନା, ସିଆରସିସି ଶମ୍ଭୁନାଥ ସାହୁ , ନରେନ୍ଦ୍ର ଜେନା, ଅନନ୍ତ ସାମନ୍ତରାୟ, ସୁରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ କ୍ଷୀତଶ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ ବିବରଣୀ ଉପସ୍ଥାପନା କରିଥିଲେ। ଶିକ୍ଷୟିତ୍ରୀ ମମତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁନିଲ୍ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍ଘାଟନ




କୁପାରି, ତା ୨୩/୧ : ସଂପ୍ରତି କୁପାରି ସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେବା ନିମନ୍ତେ ଏକ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ । ପ୍ରଶିକ୍ଷକ ମନୋରମା ରାଉତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ୍ ଦେଉଥିବା ବେଳେ, ସଂଯୋଜିକା ଅଧ୍ୟାପିକା ମଞ୍ଜୁଲତା ବେହେରା ସହ ସଂଯୋଜିକା ରଶ୍ମିତା ବିଶ୍ୱାଳ ଶୃଙ୍ଖଳାର ସହିତ ଶିବିର ପରିଚାଳନା କରିଥିଲେ । ଉକ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ସୁରେନ୍ଦ୍ରନାଥ ରାଉତ, ପ୍ରାଧ୍ୟାପିକା ଫୁଲମଣି ଦେଇ, ଅଧ୍ୟାପିକା କବିତା ବଳବନ୍ତରାୟ , ମାଳତିଲତା ହାତୀ, ଡ୍ରେମନଷ୍ଟ୍ରେଟର ବିଚିତ୍ର ଭୂଷଣ ନାୟକ ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥଲେ।

# ନେତାଜୀଙ୍କ ୧୨୯ତମ ଜୟନ୍ତୀ ଅବସରରେ ବିଶାଳ ରକ୍ତଦାନ ଶିବିର : ୭୨ ୟୁନିଟ ରକ୍ତ ସଂଗୃହିତ




ନୀଳଗିରି-୨୩/୧(ନି.ପ୍ର) ମହାନ ସ୍ୱାଧିନତାସଂଗ୍ରାମୀ ତଥା ଭାରତମାତାର ସୁଯୋଗ୍ୟ ସନ୍ତାନ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ନୀଳଗିରି ବିଜେଡ଼ି କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପୂର୍ବାହ୍ନ ୯ଘଟିକାରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ,ରାଜ୍ୟମହିଳା କାର୍ଯ୍ୟକାରିଣୀ ଉପଦେଷ୍ଟା କମିଟି ସଦସ୍ୟା ଡ. ଲେଖାଶ୍ରୀ ସାମନ୍ତସିଂହାର, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ପ୍ରମୁଖ ଉପସ୍ଥିତ ଥାଇ ନେତାଜୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶ୍ରୀଯୁକ୍ତ ନାୟକ ତାଙ୍କ ବକ୍ତବ୍ୟରେ ନେତାଜୀ ପରାଧୀନ ଭାରତକୁ ସ୍ୱାଧୀନତା ଆଣିବାପାଇଁ ସଂଗ୍ରାମକରି ନିଜକୁ ଝାସ ଦେଇଥିବା ବେଳେ ମୋତେ ରକ୍ତଦିଅ ମୁଁ ତମକୁ ସ୍ୱାଧୀନତା ଦେବି ନାରାରେ ଲକ୍ଷଲକ୍ଷ ସ୍ୱାଧୀନତା ସଂଗ୍ରାମୀ ନିଜକୁ ଝାସ ଦେଇଥିଲେ। ଫଳରେ ଇଂରେଜମାନେ ଦେଶ ଛାଡ଼ିବାକୁ ଏକପ୍ରକାର ବାଧ ହୋଇଥିଲେ। ଏହି ପୁଣ୍ୟାତ୍ମାଙ୍କ ଜନ୍ମତିଥିରେ ଆଜି ବିଜେଡ଼ିର ବହୁ ନେତୃବୃନ୍ଦ ଉପସ୍ଥିତ ଥିଲାବେଳେ ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଗଙ୍ଗାଧର ମିଶ୍ର ପ୍ରମୁଖ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ।ପରେ ଏକ ବିଶାଳରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ସୁଚିସ୍ମିତା ଦାସ, ଟେକ୍ନିସିଆନ ରାଜେଶ ମିଶ୍ର, ସୋଭାଗ୍ୟବତୀ ପଣ୍ଡା, ସତ୍ୟପ୍ରସାଦ ଦାସ, ଉପସ୍ଥାପକ ହେମନ୍ତ ସେଠୀ, ଏବଂ ସହଯୋଗୀ ବିଦ୍ୟାଧର ସାହୁ ପ୍ରମୁଖ ସ୍ୱେଚ୍ଛାସେବୀ ରକ୍ତଦାତାଙ୍କ ଠାରୁ ମୋଟ ୭୨ୟୁନିଟ ରକ୍ତସଂଗ୍ରହ କରାଯାଇ ବାଲେଶ୍ୱର ରକ୍ତ ଭଣ୍ଡାରକୁ ପଠାଯାଇଥିଲା।

# ମହାନଦୀ ସମସ୍ୟା ଆମେ ଉତ୍ତରାଧିକାରୀ ସୂତ୍ରରେ ବିଗତ ସରକାର ଠାରୁ ପାଇଛୁ : ସୁରେଶ ପୂଜାରୀ

ଭୁବନେଶ୍ୱର, ୨୩ /୦୧ : (ନି.ପ୍ର) - ମହାନଦୀ ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। କାହିଁକି ଟ୍ରିବୁନାଲରେ ମାମଲା ବିଳମ୍ବ ହୋଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ କହିଛନ୍ତି ମହାନଦୀ ସମସ୍ୟା ଆମେ ଉତରଧିକାରୀ ସୂତ୍ରରେ ବିଗତ ସରକାର ଠାରୁ ପାଇଛୁ। ୨୪ ବର୍ଷ ଶାସନ ବେଳେ ଏ ସମସ୍ୟା ସୃଷ୍ଟି ହୋଇଥିଲା। ୧୪ ରୁ ୨୨ ପର୍ଯ୍ୟନ୍ତ ଛତିଶଗଡ଼ ସରକାର ୫୦୦ ରୁ ଅଧିକ ବ୍ୟାରେଜ ନିର୍ମାଣ କଲେ।ଯେଉଁ ସମୟରେ ନିର୍ମାଣ କଲେ ସେ ସମୟରେ ବିରୋଧ କଲେ ନାହିଁ। କେନ୍ଦ୍ର ସରକାର ଟ୍ରିବୁନାଲ କଲେ ଅଢେଇ ବର୍ଷ କାର୍ଯ୍ୟକାଳ। ନିୟମ ଅନୁଯାୟୀ ଥରେ କାର୍ଯ୍ୟକାଳ ବଢ଼େଇଲେ ପାଂଚ ବର୍ଷ.। ଓଡିଶା କେବଳ ଗୋଟିଏ ସାକ୍ଷୀକୁ ଟ୍ରିବୁନାଲ ସାମ୍ନାରେ ଉପସ୍ଥାପନ କଲା ଆହୁରି ୨୧ ଜଣଙ୍କ ତାଲିକା ଦିଆଯାଇଥିଲା କିନ୍ତୁ ସାକ୍ଷ୍ୟ ଗ୍ରହଣ ହେଲା ନାହିଁ। ସତ୍ୟପାଠ ମଧ୍ୟ ଦାଖଲ ହେଲା ନାହିଁ। ବିଧାନସଭା ସମୟରେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ କହିଲେ ଛତିଶଗଡ଼ ବ୍ୟାରେଜ ହେବା ପରେ ଓଡ଼ିଶାର କ୍ଷତି ହେବ ନାହିଁ। ଜଳ ଗତିପଥ କମ୍ଭା ପରିମାଣ ପ୍ରଭାବିତ ହୋଇ ନାହିଁ। ମନ୍ତ୍ରୀଙ୍କ ସେହି ବିବୃତିକୁ ଛତିଶଗଡ଼ ସରକାର ଟ୍ରିବୁନାଲ ରେ ଉପସ୍ଥାପନ କରିଛନ୍ତି। କହିଛନ୍ତି ଯଦି ମନ୍ତ୍ରୀ କହୁଛନ୍ତି କ୍ଷତି ହେଉନି ତାହେଲେ ଟ୍ରିବୁନାଲ ଆସିଛ କଣ ପାଇଁ. ଓଡିଶା ସରକାର ବିରୋଧରେ ଛତିଶଗଡ଼ ବ୍ୟବହାର କରୁଥିବା ଅସ୍ତ୍ର ଦେଇଛି ବିଜେଡି। ମାମଲାରେ ହାରିବା ପାଇଁ ଏବଂ ଛତିଶଗଡ଼ ଜିତିବା ପାଇଁ ଯାହା ଦରକାର ବିଜେଡି କରି ସାରିଛି। ୬୦ ଟି ଶୁଣାଣି ରେ ଯେଉଁ ନିଷ୍ଠାର ସହ ଯୁକ୍ତି ହେବା କଥା ଲଢେଇ ହେବା କଥା ହେଲା ନାହିଁ। ଆମେ ଖୁବ ଶୀଘ୍ର ଟ୍ରିବୁନାଲ ନିକଟରେ ସତ୍ୟପାଠ ଦାଖଲ କରିବୁ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

# ବିଜେପି ୩ଟି ରାଜ୍ୟସଭା ସିଟ୍ ଜିତିବ : ବାବୁ ସିଂ



ଭୁବନେଶ୍ୱର, ୨୩/୦୧ : (ନି.ପ୍ର) - ରାଜ୍ୟସଭା ନିର୍ବାଚନ ନେଇ ବିଜେପି ବିଧାୟକ ବାବୁ ସିଂ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ସଂଖ୍ୟା ଅନୁସାରେ ବିଜେଡ଼ି ଗୋଟିଏ ସିଟ୍ ଜିତିବ। ରାଜ୍ୟସଭାର ଗୋଟିଏ ବି ସିଟ୍ ଜିତିବାକୁ କଂଗ୍ରେସର ସଂଖ୍ୟା ନାହିଁ। ପ୍ରଥମ, ଦ୍ୱିତୀୟ ଏବଂ ଚତୁର୍ଥ ସିଟ୍ ବିଜେପି ଜିତିବ। ସେଥିପାଇଁ ଯାହା କରିବା କଥା ଦଳର ନେତୃତ୍ୱ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# ସ୍ୱାଧିନତା ଆନ୍ଦୋଳନର ସ୍ମୃତି ସ୍ମାରକୀ ଇମ୍ଫାଲ ସଂଗ୍ରହାଳୟର ବିଷୟ ପାଠ୍ୟ ପୁସ୍ତକରେ ସ୍ଥାନ ପାଉ : କଳ୍ପଲତା



ଉଦଳା, ତା୨୩/୦୧-(ନି.ପ୍ର) ସ୍ୱାଧିନତା ଆନ୍ଦୋଳନର ସ୍ମୃତି ସ୍ମାରକି ଭାବରେ ପରିଚୟ ସୃଷ୍ଟି କରିଥିବା ମଣିପୁର ରାଜ୍ୟର ରାଜଧାନି ଇମ୍ଫାଲ ସ୍ଥିତ ସଂଗ୍ରହାଳୟ ସମ୍ପର୍କରେ ପିଲାଙ୍କ ପାଠ୍ୟପୁସ୍ତକରେ ବିଷୟ ସ୍ଥାନ ଦେବାକୁ ଶିକ୍ଷୟିତ୍ରୀ କଳ୍ପଲତା ଜେନା ଦାବି ଜଣାଇଛନ୍ତି । ଆମ ଦେଶରେ ଇଂରେଜ ସରକାରଙ୍କ ଶାସନ ଚାଲିଥିବା ସମୟରେ ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଆଜାଦହିନ୍ଦ ଫୌଜ ଯେଉଁ ପରାକ୍ରମ ଦେଖାଇଥିଲେ ଓ ଯୁଦ୍ଧରେ ଜାପାନ ନିର୍ମିତ ବ୍ୟବହୃତ ଅସ୍ତ୍ରଶସ୍ତ୍ରକୁ ନେଇ ଏକ ସଂଗ୍ରହାଳୟ ମଣିପୁର ରାଜ୍ୟସରକାର ନିର୍ମାଣ କରିଛନ୍ତି । ଉକ୍ତ ସଂଗ୍ରହାଳୟଟିକୁ ଦେଖିଲେ ଆମ ଦେଶରେ ଚାଲିଥିବା ସଶସ୍ତ୍ର ବିପ୍ଳବର ରୂପରେଖ ସମ୍ପର୍କରେ ବେଶ ଭଲଭାବରେ ବୁଝିହେବ । ଏହି ସଂଗ୍ରହାଳୟଟିକୁ ଦେଖିବା ପାଇଁ ପ୍ରତିବର୍ଷ ବହୁସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ବିଶେଷ କରି ଜାପାନରୁ ସବୁଠାରୁ ଅଧିକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ତେବେ ଓଡ଼ିଶାରେ କୌଣସି ପାଠ୍ୟପୁସ୍ତକରେ ଏହି ସଂଗ୍ରହାଳୟ ସମ୍ପର୍କରେ ବିଷୟ ସ୍ଥାନ ପାଇନଥିବାରୁ ଉଦଳା ସହରର ୱାର୍ଡ଼ ନଂ-୯ର ବାସିନ୍ଦା ଶିକ୍ଷୟିତ୍ରୀ କଳ୍ପଲତା ଜେନା କ୍ଷୋଭ ପ୍ରକାଶ କରିଛନ୍ତି । ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ଓଡ଼ିଶାରେ ହୋଇଥିବାରୁ ଆମେ ଓଡ଼ିଆ ମାନେ ଏଥିପାଇଁ ନିଜକୁ ଗର୍ବ ଅନୁଭବ କରୁ । ତେଣୁ ଇମ୍ଫାଲସ୍ଥିତ ଏହି ସଂଗ୍ରହାଳୟ ସମ୍ପର୍କରେ ପାଠ୍ୟ ପୁସ୍ତକରେ ବିଷୟ ସ୍ଥାନ ପାଇଲେ ଓଡ଼ିଶାର ଛାତ୍ର ଛାତ୍ରୀଙ୍କ ମନକୁ ନିଶ୍ଚିତ ରୂପେ ଏହା ଛୁଇଁବା ସହିତ ବେଶ ଭଲ ପ୍ରଭାବ ପକାଇବ ବୋଲି ଶିକ୍ଷୟିତ୍ରୀ କଳ୍ପଲତା କହିଛନ୍ତି । ରାଜ୍ୟ ସରକାର ଏହା ବିଚାରକୁ ନେବେ ବୋଲି ଶିକ୍ଷୟିତ୍ରୀ ଆଶା ବାନ୍ଧିଥିବାର ଜଣାଇଛନ୍ତି । ଉଦଳା ଠାରେ ଆଜି ଜାନୁଆରି ୨୩ ତାରିଖ ଶୁକ୍ରବାର ଦିନ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତି (ପରାକ୍ରମ ଦିବସ) ପାଳନ ଅବସରରେ ଶିକ୍ଷୟିତ୍ରୀ କଳ୍ପଲତା ଏହା ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଜଣାଇଛନ୍ତି ।

# ନେତାଜୀ ଜୟନ୍ତୀ ପାଳିତ



ବସ୍ତା ୨୩/୧(ନିପ୍ର) ରୁପସା ଥାନା ଅନ୍ତର୍ଗତ ତାହାରପୁର ଗ୍ରାମ ର ନେତାଜୀ କ୍ଲବ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ପକ୍ଷରୁ ନେତାଜୀଙ୍କ ଏକ ପତାକା କ୍ଲବ ର ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଉତଳନ କରିବା ସହ ନେତାଜୀଙ୍କ ଫୋଟ ଚିତ୍ର ରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ନେତାଜୀ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଂକ୍ଷିପ୍ତ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପଦେଷ୍ଟା ସୋମନାଥ ବେହେରା, ସାଂସ୍କୃତିକ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ଅମିୟ ରଞ୍ଜନ ବେହେରା, ସଦସ୍ୟ ବଂଶୀଧର ପଣ୍ଡା, ସତ୍ୟ ନାରାୟଣ ଭୋଳ, ପ୍ରଦୀପ ପଣ୍ଡିତ , କମଳା କାନ୍ତ ବେହେରା , ଜଗଦୀଶ ବେହେରା, ମାନସ ରଞ୍ଜନ ବେହେରା, ରଶ୍ମି ରଞ୍ଜନ ବେହେରା, ଉତ୍ତମ ବେହେରା, ଅରୁଣ ଦଳାଇ ଓ ମଦନ ଗିରି ଓ ମହୋନ ଗିରି, ଚକ୍ରଧର ପ୍ରଧାନ ଓ ଜଗା ପ୍ରଧାନ ଉପସ୍ଥିତ ରହି ଥିଲେ।

# ମାତୃଭାଷା ସହିତ ଇଂରାଜୀ ଏବଂ ହିନ୍ଦୀ ଭାଷାର ଅଧିକ ଆବଶ୍ୟକତା ରହିଛି




ବାଲିଆପାଳ ୨୩/ ୧ (ନି.ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ଅନ୍ତର୍ଗତ ପାକମୁଡି ସ୍ଥିତ କେ.ପି ପବ୍ଲିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ରାଜିବ ଲୋଚନ ପାତ୍ରଙ୍କ ପୌରହିତ୍ୟରେ ସିଟି ସ୍କୁଲ୍‌ର ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଘରାଇ ଉଦଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଭୂବନ ଚନ୍ଦ୍ର ରାଜ, ସମ୍ମାନିତ ଅତିଥି ସମାଜସେବୀ କରୁଣାକର ପାତ୍ର ପ୍ରମୁଖ ଯୋଗଦେଇ ପାଠ୍ୟକ୍ରମ, କ୍ରୀଡା, ନୃତ୍ୟ, ସଙ୍ଗୀତ, ବକ୍ତୃତା ଆଦି ବିଷୟରେ ମାତୃଭାଷା ସହିତ ଇଂରାଜୀ ଏବଂ ହିନ୍ଦି ଭାଷାରେ ଆବଶ୍ୟକତା ଅଧିକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅରବିନ୍ଦ କରଣ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ଶୁଭସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୁଇ ଜଣ ଖବରଦାତା ରାଜଶ୍ରୀ ପାଣିଗ୍ରାହୀ ଏବଂ ଆଶିଷ କୁମାର ସାହୁଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା କରିଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ନନ୍ଦିନୀ ରାଜ, ସିନ୍ଧିଶ୍ରୀ ଦାସ, ଶ୍ରାବଣୀ ନାୟକ, ସସ୍ମିତା ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଦ୍ୟୁତ ଲାଇନ ସଂଯୋଗ ପାଇଁ ମାଙ୍କିଡ଼ିଆ ବସ୍ତି ବାସିନ୍ଦାଙ୍କ ଦାବି



ଉଦଳା, ୨୩/୦୧(ନି.ପ୍ର) ଖୁଂଟା ବ୍ଲକ ଅନ୍ତର୍ଗତ ଢ଼େଙ୍ଗାମ ପଂଚାୟତ ମଧ୍ୟରେ ରହିଛି ଏକ ମାଙ୍କିଡ଼ିଆ ବସ୍ତି । ଏହି ବସ୍ତିରେ ପ୍ରାୟ ୫୦ରୁ ଉର୍ଦ୍ଧ ମାଙ୍କିଡ଼ିଆ ଜନଜାତି ପରିବାର ଦିର୍ଘ ଦିନ ହେବ ବସବାସ କରିଆସୁଛନ୍ତି । ମୟୂରଭଂଜ ଜିଲ୍ଲାରେ ବସବାସ କରୁଥିବା ବିଭିନ୍ନ ଜନଜାତିଙ୍କ ମଧ୍ୟରେ ମାଙ୍କିଡ଼ିଆ ଜନଜାତିର ଲୋକେ ସବୁଠାରୁ ଅଧିକ ଅବହେଳିତ ଅବସ୍ଥାରେ ରହିଥିବାର ଜଣାଯାଇଛି । ତେବେ ଏହି ବସ୍ତି ବାସିନ୍ଦାଙ୍କୁ ବିଦ୍ୟୁତ ଲାଇନ ଯୋଗାଇ ଦେବା ପାଇଁ ଦିର୍ଘ ଦିନ ତଳୁ ଦାବି ହୋଇ ଆସୁଛି । କିନ୍ତୁ ଏ ପର୍ଯ୍ୟନ୍ତ ବିଦ୍ୟୁତ ଲାଇନ ପାଇବାରୁ ଏହି ବସ୍ତି ବାସିନ୍ଦା ବଂଚିତ ଥିବାର ଜଣାଯାଇଛି । ନିକଟରେ ଜନଜାଗୃତି ମଂଚର ସଦସ୍ୟ ଓ ଗଣମାଧ୍ୟମର ପ୍ରତିନିଧି ମିଳିମିଶି ଏହି ବସ୍ତିକୁ ପରିଦର୍ଶନରେ ଆସିବା ସହ ସେମାନଙ୍କର ସୁଖ ଦୁଃଖ ପଚାରି ବୁଝିଥିଲେ। ଏତିକିବେଳେ ଉକ୍ତ ବସ୍ତି ବାସିନ୍ଦା ବିଦ୍ୟୁତ ଲାଇନ ତାଙ୍କର ମୁଖ୍ୟ ଆବଶ୍ୟକତା ବୋଲି ଜଣାଇଥିଲେ ।

# ମତ୍ସ୍ୟ ପ୍ରାଣୀ ସମାବେଶରେ ରାଜ୍ୟ ମାଛ - ମହାନଦୀ ମହାସୀର

ଭୁବନେଶ୍ୱର, ୨୩ ଜାନୁଆରୀ (ହି.ସ.) - ମତ୍ସ୍ୟ ପ୍ରାଣୀ ସମାବେଶରେ ପ୍ରମୁଖ ଆକର୍ଷଣ ସାଜିଛି ଓଡ଼ିଶାର ରାଜ୍ୟ ମାଛ - ମହାନଦୀ ମହସୀର। ଏହାର ବୈଜ୍ଞାନିକ ନାମ ହେଉଛି "ଟର୍ ମହାନଦୀକସ" । କେବଳ ମହାନଦୀରେ ଦେଖାଯାଉଥିବା ଏହି ମାଛ ଏକ ଶକ୍ତିଶାଳୀ ଶିକାରୀ ମାଛ ଭାବେ ପରିଚିତ । ପଶ୍ଚିମ ଓଡ଼ିଶାରେ ଏହାକୁ ଲୋକେ 'ମହାସୋଲ' ନାମରେ ଜାଣନ୍ତି । ମହାନଦୀର ଉପର ମୁଣ୍ଡରେ ଦେଖାଯାଉଥିବା ଏହି ମାଛ ଆମ ଐତିହ୍ୟର ପ୍ରତୀକ । ନଦୀ ଜଳ ପ୍ରଦୂଷଣ ଏବଂ ବାସସ୍ଥାନ କ୍ଷତି ଯୋଗୁଁ ଏହି ମାଛର ବଂଶ ବର୍ତ୍ତମାନ ସଙ୍କଟରେ । ତେଣୁ, ଏହାର ସଂରକ୍ଷଣ ତଥା ବଂଶ ବୃଦ୍ଧି ନିମନ୍ତେ ଆମ ରାଜ୍ୟର ମତ୍ସ୍ୟ ନିର୍ଦ୍ଦେଶାଳୟ ଏବଂ ସେଂଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ରେସ୍ ୱାଟର୍ ଆକ୍ୱାକଲଚର୍ (ସିଫା) ମଧ୍ୟରେ ଗତ ବର୍ଷ ନଭେମ୍ବର ମାସରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ମାଛକୁ ଦେଖିବା ପାଇଁ ସମସ୍ତେ ବ୍ୟଗ୍ର ଥିବା ଦେଖିବାକୁ ମିଳିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida